୨୨ ଜୁନ୍ ୨୦୨୫ ରବିବାର

ସମୟ ତରଙ୍ଗ



# ଅନନ୍ୟ ପ୍ରକୃତି





**ଭାରତ ହେଉଛି ଅବିଶ୍ୱାସନୀୟ ଜୈବବିବିଧତାର ଏକ ଦେଶ । ଏଠିକାର ବଣ ଜଙ୍ଗଲରେ ଦେଖିବାକୁ ମିଳୁଥିବା ପ୍ରାଣୀମାନେ ବିଶ୍ୱରେ ବିରଳ ହୋଇଥାଆନ୍ତି । ଏହି ପ୍ରାଣୀମାନେ ଭାରତର ସଂସ୍କୃତି ଓ ଐତିହ୍ୟ ସହିତ ମଧ୍ୟ ଗଭୀରଭାବେ ଜଡିତ ।**

ଭାରତର ଜଙ୍ଗଲରେ ଦେଖିବାକୁ ମିଳିଥାଏ ବିବିନ୍ନ ପ୍ରକାରର ଜୈବବିବିଧତା । ଏହି ଜଙ୍ଗଲ ଗୁଡିକ ବିଭିନ୍ନ ବିରଳ ପ୍ରାଣୀଙ୍କର ଘର ହୋଇଥାଏ । ଘନ ଜଙ୍ଗଲ, ଉଚ୍ଚ ପର୍ବତ ଓ ବିସ୍ତୃତ ଘାସଭୂମି ସମସ୍ତେ ମିଶି ଏହି ଜୈବ ବିବିଧତାର ବିସ୍ତାର କରିଥାଆନ୍ତି । ଏହାର ଭୌଗଳିକ ସ୍ଥିତି ଅନେକ ଜୀବଜନ୍ତୁଙ୍କ ପାଇଁ ସୁହାଇଲାଭଳି ହୋଇଥାଏ, ଯେଉଁଥିପାଇଁ ସେମାନେ ଏଠାରେ ରହିବାକୁ ଖୁବ ଭଲ ପାଇଥାଆନ୍ତି । ଏହି ତାଲିକାରେ ଅନେକ ଏଭଳି ଜୀବ ସାମିଲ ଅଛନ୍ତି ଯେଉଁମାନେ କେବଳ ଭାରତରେ ଦେଖିବାକୁ ମିଳିଥାଆନ୍ତି । ସେମାନଙ୍କ ସଂରଞ୍ଚନା ଭାରତର ପାଣିପାଗ ଓ ଜଙ୍ଗଲ ପାଇଁ ହୋଇଛି । ଭାରତର ବିଭିନ୍ନ ରାଜ୍ୟରେ ଥିବା ସ୍ୱତନ୍ତ୍ର ଜଙ୍ଗଲ ଏହିଭଳି ସ୍ୱତନ୍ତ୍ର ପ୍ରାଣୀଙ୍କର ଘର ସାଜିଥାଏ । ଭାରତର ପଶ୍ଚିମଘାଟ ପର୍ବତମାଳାରେ ଅନେକ ବିରଳ ଜୀବ ବାସ କରନ୍ତି । ଏହି ପର୍ବତମାଳା ଭାରତୀୟ ରାଜ୍ୟ କେରଳ, କର୍ଣ୍ଣାଟକ, ତାମିଲନାଡୁ, ମହାରାଷ୍ଟ୍ର ଆଦିଭିତରେ ରହିଛି । ଏହି ଘଞ୍ଚ ବର୍ଷାବନ ବିଭିନ୍ନ ପ୍ରଜାତି ଯେପରି ନିଲଗିରି ଛେଳି, ସିଂହ, ମାଲାବର ସିଭେଟ୍ ଆଦିଙ୍କର ଘର ହୋଇଥାଏ । ସେହିଭଳି ଗୁଜରାଟର ଗିର୍ ଜଙ୍ଗଲ ଅନେକ ବିରଳ ପ୍ରଜାତିଙ୍କର ଘର ସାଜିଥାଏ । ଏଠାରେ ଥିବା ଏସୀୟ ସିଂହ ସବୁଠାରୁ ବଡ ଆକର୍ଷଣ । ଏଠାରେ ପଶୁଙ୍କ ଖାଇବା ପାଇଁ ଖୁବ ସୁବିଧା ଥିବାରୁ ଏଠାରେ ଅଧିକ ପରିମାଣରେ ଜୀବଜନ୍ତୁ ବାସ କରିଥାଆନ୍ତି । ଏହି ତାଲିକାରେ ଅନେକ ଜଙ୍ଗଲ ସାମିଲ ଅଛି । ତାଲିକାରେ ଆଗକୁ ରହିଛି କୋଲକାତାର ସୁନ୍ଦରବନ । ଏହି ଜଙ୍ଗଲ ଭାରତର ରୟାଲ ବେଙ୍ଗଲ ଟାଇଗର ପାଇଁ ଖୁବ ପରିଚିତ । ଅନ୍ୟପଟେ ସିକ୍କିମ୍, ଅରୁଣାଞ୍ଚଳ ପ୍ରଦେଶ ଓ କାଶ୍ମୀର ଭଳି ରାଜ୍ୟରେ ରହିଛି ହିମାଳୟ ଜଙ୍ଗଲ । ଯେଉଁଠାରେ ଦେଖିବାକୁ ମିଳିଥାଆନ୍ତି ରେଡ୍ ପାଣ୍ଡା । ଏହି ତାଲିକାରେ ସାମିଲ ରହିଛି ଉତ୍ତର ପୂର୍ବ ଭାରତ ବର୍ଷା ବନ, ଯେଉଁଥିରେ ଗିବନର ଏକ ବିରଳ ପ୍ରଜାତି ବାସ କରନ୍ତି । ଏଭଳି ଅନେକ ଜଙ୍ଗଲ, ମରୁଭୂମି ଓ ଗ୍ରାସଲ୍ୟାଣ୍ଡ ରହିଛି ଯେଉଁଠାରେ ଅନେକ ବିରଳ ପ୍ରଜାତିର ପ୍ରାଣୀ ବାସ କରିଥାଆନ୍ତି । ଆସନ୍ତୁ ସେହିଭଳି କିଛି ବିରଳ ପ୍ରଜାତିର ପ୍ରାଣୀଙ୍କ ସମ୍ପର୍କରେ ଜାଣିବା ।

## ମହାବଳ ବାଘ

ଭାରତର ଜାତୀୟ ପଶୁ ବାଘ ପାଇଁ ଭାରତର ବିଶ୍ୱ ଦରବାରରେ ରହିଛି ସ୍ୱତନ୍ତ୍ର ପରିଚୟ । ନିଜର ସୁନ୍ଦର ରଙ୍ଗ ଏବଂ ଚେହେରା ପାଇଁ ସବୁବେଳେ ଏହା ଆଦର ପାଇଥାଏ । ଏହା ହିଂସ୍ର ହେଲେ ମଧ୍ୟ ଏହାର ସୌନ୍ଦର୍ଯ୍ୟ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥାଏ ଏହି ପଶୁ । ଭାରତରେ ଥିବା ବିଭିନ୍ନ ଚିଡିଆଖାନା









ବିଶେଷଭାବେ ଓଡ଼ିଶାର ନନ୍ଦନ କାନନ ଚିଡିଆଖାନାର ମୁଖ୍ୟ ଆକର୍ଷଣ ହୋଇଥାଏ ମହାବଳ ବାଘ । ଏହାର ଅନେକ ପ୍ରଜାତି ରହିଥାଆନ୍ତି ଯେଉଁମାନେ ନନ୍ଦନ କାନନ ସହିତ ଦେଶର ବିଭିନ୍ନ ଚିଡିଆଖାନା ଓ ଜଙ୍ଗଲରେ ରହିଛନ୍ତି । ଏହାର ବଳିଷ୍ଠ ଚେହେରା, ଶରୀରରେ ଥିବା ପଟାପଟା କଳାର ଦାଗ ଏହାର ବିଶେଷ ପରିଚୟ ହୋଇଥାଏ । ଏହି ବାଘ ଗୁଡିକ ୮ରୁ ୧୦ ଫୁଟ ଲମ୍ବା ହୋଇଥିବାବେଳେ ଏମାନଙ୍କର ଓଜନ ପାଖାପାଖି ୧୦୦ ରୁ ଆରମ୍ଭ ହୋଇ ୨୬୦ ପର୍ଯ୍ୟନ୍ତ ଥାଏ । ଏମାନଙ୍କର ଗାଢ କମଳା ରଙ୍ଗ ଏମାନଙ୍କର ସୌନ୍ଦର୍ଯ୍ୟକୁ ବଢାଇଥାଏ । ଏମାନେ ଭାରତର ବିଭିନ୍ନ ପ୍ରକାରର ଜଙ୍ଗଲରେ ବସବାସ କରିଥାଆନ୍ତି ।

ଭାରତରେ ଏମାନଙ୍କର ସିଂହଭାଗ ଅଂଶ ବସବାସ କରନ୍ତି । ଏହାଛଡା ବାଙ୍ଗଲାଦେଶ, ଭୁଟାନ, ନେପାଳରେ ମଧ୍ୟ କିଛିମାତ୍ରାରେ ଦେଖିବାକୁ ମିଳନ୍ତି ହେଲେ ଭାରତ ତୂଳନାରେ କମ । ଭାରତର ସୁନ୍ଦରବନ, ଉତ୍ତରାଖଣ୍ଡର ଜିମ୍ କୋର୍‌ବେଟ୍ ନ୍ୟାସନାଲ ପାର୍କ, ରାଜସ୍ଥାନର ରନ୍ଥାମ୍ଭୋର, ମଧ୍ୟପ୍ରଦେଶର, ଆସାମର କାଜିରଙ୍ଗା, ଓଡ଼ିଶାର ନନ୍ଦନକାନନ, ଶିମିଳିପାଳ ଆଦିରେ ବିଭିନ୍ନ ପ୍ରଜାତିର ବାଘ ଦେଖିବାକୁ ମିଳିଥାଆନ୍ତି । ଯେଉଁମାନେ ଦେଶ ତଥା ରାଜ୍ୟର ପର୍ଯ୍ୟଟନ ଶିଳ୍ପ ଉପରେ ଖୁବ ଭଲ ପ୍ରଭାବ ପକାଇଥାନ୍ତି । ଶିମିଳିପାଳରେ ଦେଖିବାକୁ ମିଳୁଥିବା କଳା ବାଘ ଖୁବ ବିରଳ ପ୍ରଜାତି ହୋଇଥାଏ । ନିକଟରେ ହୋଇଥିବା ବାଘ ଗଣନାରେ ଶିମିଳିପାଳରେ ମହାବଳବାଘ ସଂଖ୍ୟା ବଢୁଥିବା ଜଣା ପଡିଛି । ଏଠାରେ ୪୦ଟି ମହାବଳ ବାଘ ବାସ କରୁଥିବା ବାଘ ଗଣନାରେ ତଥ୍ୟ ମିଳିଛି । ବାଘ ଭାରତର ଜାତୀୟ ପଶୁ ହୋଇଥିବାରୁ ଏହାର ପ୍ରଭାବ ଭାରତୀୟ ସଂସ୍କୃତି ଉପରେ ମଧ୍ୟ ରହିଛି । ସେହିଭଳି ବାଘ ବଂଶବୃଦ୍ଧି ଓ ସେମାନଙ୍କ ସୁରକ୍ଷାପାଇଁ ଆମ ସରକାର ସବୁବେଳେ ଚେଷ୍ଟିତ ରହିଥାଏ । ଏମାନଙ୍କର ବିଭିନ୍ନ ପ୍ରକାରର ପ୍ରୋଜେକ୍ଟ ରହିଛି ଯାହା ବାଘମାନଙ୍କୁ ସୁରକ୍ଷା ଦେବା ପାଇଁ କାର୍ଯ୍ୟ କରିଥାଏ । ୧୯୭୩ରେ ଲଞ୍ଚ କରାଯାଇଥିଲା ପ୍ରୋଜେକ୍ଟ ଟାଇଗର, ଯାହା ଭାରତରେ ବାଘବଂଶ ବୃଦ୍ଧି ଓ ସୁରକ୍ଷା ଉପରେ କାର୍ଯ୍ୟ କରିଥିଲା । ବିଭିନ୍ନ ରାଜ୍ୟରେ ଥିବା ବା ।

ଏହି ପ୍ରୋଜେକ୍ଟରେ ସେମାନଙ୍କର ସୁରକ୍ଷା ସହ କିଭଳି ସେମାନେ ସୁସ୍ଥ ରହିବେ ସେଥିପାଇଁ ବିଭିନ୍ନ ପ୍ରକାରର ପନ୍ଥା ଅବଲମ୍ବନ କରାଯାଇଛି । ସେହିଭଳି ସେମାନଙ୍କର ରେଡିଓ କୋଲାରିଂ ସହିତ ମନିଟରିଂ ମଧ୍ୟ କରାଯାଇଥାଏ । ଏମାନଙ୍କର ଭାରତୀୟ ପରମ୍ପରା ଓ ସମ୍ବିଧାନରେ ମଧ୍ୟ ଗୁରୁତ୍ୱ ରହିଛି ।

## ହାତୀ


ଭାରତରେ ଯେ କୌଣସି ଚିଡିଆଖାନାକୁ ଯାଆନ୍ତୁ ସେଠାରେ ହାତୀ ଯେମିତି ହେଲେ ଦେଖିବେ । ଏଭଳି ମଧ୍ୟ କିଛି ସ୍ଥାନ ରହିଛି ଯେଉଁଠାରେ ହାତୀ ଜନବସତି ପାଖକୁ ମଧ୍ୟ ଆସିଥାଆନ୍ତି । ତେବେ ହାତୀ ଭାରତର ଏକ ସ୍ୱତନ୍ତ୍ରପରିଚୟ ପାଲଟିଥାଏ । ଏସୀୟହାତୀ ବିଶେଷଭାବେ ଭାରତରେ ଅଧିକ ମାତ୍ରାରେ ଦେଖିବାକୁ ମିଳିଥାଆନ୍ତି । ଏହା ଭାରତର ଇକୋସିଷ୍ଟମରେ ଖୁବ ଗୁରୁତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରିଥାଏ । ଗୋଟିଏ ସାବାଳକ ହାତୀର ଓଜନ ତିନି ହଜାର କେଜିରୁ ୬ହଜାର କେଜି ଭିତରେ ରହିଥାଏ । ଏମାନେ ସବୁବେଳେ ଦଳଦଳ ହୋଇ ରହିଥାଆନ୍ତି । ଭାରତରେ ଏମାନଙ୍କ ସଂଖ୍ୟା ୨୭ ହଜାରରୁ ୩୦ ହଜାର ଭିତରେ ରହିଛି । ଏସୀୟ ହାତୀମାନଙ୍କ ପାଇଁ ମଧ୍ୟ ସରକାରଙ୍କ ପକ୍ଷରୁ ଖୁବ ଅନେକ ପ୍ରୋଜେକ୍ଟ ଲଞ୍ଚ କରାଯାଇଛି । ୧୯୯୨ରେ ଲଞ୍ଚ ହୋଇଥିଲା ପ୍ରୋଜେକ୍ଟ ଏଲିଫ୍ୟାଣ୍ଟ, ଯାହାର ଉଦ୍ଦେଶ୍ୟଥିଲା ହାତୀମାନଙ୍କୁ ସୁରକ୍ଷା ଦେବା । ଏହିଭଳି ଭାବେ ଅନେକ ବ୍ୟବସ୍ଥା ହାତୀମାନଙ୍କର ସୁରକ୍ଷା ପାଇଁ କରାଯାଇଛି ଯାହା ସେମାନଙ୍କର ବଂଶ ବୃଦ୍ଧିରେ ସହାୟକ ହୋଇଛି ।

## ନୀଳଗିରି ପାହାଡ ଛେଳି

ନୀଳଗିରି ଟାହାର ବା ନୀଳଗିରି ପାହାଡରେ ଏକ ପ୍ରକାର ଛେଳି ଦେଖିବାକୁ ମିଳେ ଯାହା ଖୁବ ସ୍ୱତନ୍ତ୍ର ଓ ବିରଳ । ଏହା ଦକ୍ଷିଣ ଭାରତର ପଶ୍ଚିମ ଘାଟରେ ଦେଖିବାକୁ ମିଳିଥାଆନ୍ତି, ଯାହା ବିଶ୍ୱର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳି ନଥାଆନ୍ତି । ଏହା ପଶ୍ଚିମ ଘାଟର ସ୍ୱତନ୍ତ୍ର ଜୈବବିବିଧତାକୁ ପ୍ରତିନିଧିତ୍ୱ କରିଥାଏ । ଏହା ତାମିଲନାଡୁର ଖୁବ ପ୍ରିୟ ଓ ପରିଚିତ ପ୍ରାଣୀ । ଏମାନଙ୍କ ଆକାର ମଧ୍ୟମ ଧରଣର ହୋଇଥାଏ । ସେହିଭଳି ସେମାନଙ୍କର ଓଜନ ୮୦ରୁ ୧୦୦ କେଜି ଭିତରେ ରହିଥାଏ । ତେବେ ଏହା ମାଈ ଓ ଅଣ୍ଡିରା କେସ୍‌ରେ ଭିନ୍ନ ହୋଇଥାଏ । ଏମାନଙ୍କର ଛୋଟଛୋଟ ବଙ୍କା ସିଙ୍ଗ ମଧ୍ୟ ଥାଏ । ଏମାନେ କେରଳର ଏରଭିକୁଲମ ନ୍ୟାସନାଲ ପାର୍କ, ତାମିଲନାଡୁର







ମୁକୁର୍ଥି ନ୍ୟାସନାଲ ପାର୍କରେ ଏହି ପଶୁଙ୍କୁ ଦେଖିପାରିବେ । କେରଳାର ଜଙ୍ଗଲର ଏମାନେ ବହୁଳମାତ୍ରାରେ ବାସ କରନ୍ତି, ସେଠାରେ ସେମାନଙ୍କର ସଂଖ୍ୟା ପାଖାପାଖି ୩ ହଜାରରୁ ଅଧିକ । ଏମାନଙ୍କ ସୁରକ୍ଷା ଓ ବଂଶ ବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ ଏକଧୀକ ପଦକ୍ଷେପ ଗ୍ରହଣ କରାଯାଇଛି । ସେଥିରେ ସାମିଲ ଅଛି ପ୍ରୋଜେକ୍ଟ ନୀଳଗିରି ଟାହାର । ଏହି ପ୍ରକଳ୍ପରେ ସେମାନଙ୍କ ସଂଖ୍ୟା ବୃଦ୍ଧି ଉପରେ ଖୁବ ଗୁରୁତ୍ୱ ଦିଆଯାଇଛି । ଏମାନଙ୍କ ଛବି କେରଳର ରାଜ୍ୟ ସରକାରଙ୍କ ଫରେଷ୍ଟ ଡିପାର୍ଟମେଣ୍ଟର ଲୋଗୋରେ ଦେଖିବାକୁ ମିଳିଥାଏ । ଏହା କେବଳ ଯେ ବିରଳ ତାହା ନୁହେଁ ଏହା ଭାରତର ପାହାଡରେ ରହୁଥିବା ବନ୍ୟପ୍ରାଣୀଙ୍କୁ ପ୍ରତିନିଧିତ୍ୱ କରିଥାଆନ୍ତି ।


## ମୟୂର

ଭାରତର ଜାତୀୟ ପକ୍ଷୀ ମୟୂର ଦେଖିବାକୁ ଖୁବ ସୁନ୍ଦର । ଏହାର ନାଁଭଳି ଏହାର ସୌନ୍ଦର୍ଯ୍ୟ ସମସ୍ତଙ୍କ ମନ ମୋହିଥାଏ । ଭାରତରେ ଦେଖିବାକୁ ମିଳୁଥିବା ଏହି ପକ୍ଷୀ ସାରା ବିଶ୍ୱରେ ପରିଚିତ । ଏମାନଙ୍କର ଶରୀରର ସରଞ୍ଜନା ଖୁବ ସୁନ୍ଦର ଭାବେ କରାଯାଇଛି । ପୁରୁଷ ମୟୂରଙ୍କ ପାଖରେ ଥିବା ସେମାନଙ୍କ ପୁଚ୍ଛ ଏମାନଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥାଏ । ମେଘ ଦେଖିଲେ ଏହି ପୁରୁଷ ମୟୂରମାନେ ଖୁସିରେ ନାଚିବାବେଳେ ପୁଚ୍ଛକୁ ଖୋଲିଥାଆନ୍ତି, ଯାହା ଖୁବ ସୁନ୍ଦର ହୋଇଥାଏ । ଏପରିକି ମୟୂରପୁଚ୍ଛର ବର୍ଣ୍ଣନା ଭାରତର ପୂରାଣରେ ମଧ୍ୟ ରହିଛି । ପୂରାଣରେ ବର୍ଣ୍ଣନା ଅନୁସାରେ କୃଷ୍ଣ ଭଗବାନ ମୁଣ୍ଡରେ ମୟୂରପୁଚ୍ଛ ଧାରଣ କରିଥାଆନ୍ତି । ସେହିଭଳି ଭଗବାନ କାର୍ତ୍ତିକଙ୍କର ବାହାନ ଭାବେ ମଧ୍ୟ ଏହାକୁ ଗଣା ଯାଇଥାଏ । ଏହି ପକ୍ଷୀମାନେ ୪ କେଜିରୁ ୬ କେଜି ଓଜନ ଭିତରେ ରହିଥାଆନ୍ତି । ସେହିଭଳି ଏମାନଙ୍କର ପରିବେଶ ଉପରେ ମଧ୍ୟ ଖୁବ ସକାରାତ୍ମକ ପ୍ରଭାବ ରହିଥାଏ । ଏମାନ ଭାରତର ବିଭିନ୍ନ ଅଞ୍ଚଳର ଜଙ୍ଗଲ, ଚିଡିଆଖାନା ସହିତ ଗାଁ ପାଖରେ ଥିବା ଛୋଟଛୋଟ ଜଙ୍ଗଲରେ ମଧ୍ୟ ବସବାସ କରନ୍ତି ।

## ସିଂହ ଲାଞ୍ଜୀ ବିଶିଷ୍ଟ ମାଙ୍କଡ

ଏହାକୁ ସିହଂ ଲାଞ୍ଜୀ ବିଶିଷ୍ଟ ମାକାକ ନାମରେ ମଧ୍ୟ ଜାଣିଥାଆନ୍ତି । ଏଗୁଡିକ ଖୁବ ବିରଳ ହୋଇଥାଆନ୍ତି । ଏମାନଙ୍କୁ ବିଶେଷଭାବେ ପଶ୍ଚିମଘାଟରେ ଦେଖିବାକୁ ମିଳିଥାଆନ୍ତି । ଏମାନଙ୍କର ଶରୀରର ସରଞ୍ଜନା ଖୁବ ଭିନ୍ନ ହୋଇଥାଏ, ଯାହା ଏମାନଙ୍କୁ ବିରଳ କରିଥାଏ । ଏମାନଙ୍କର ଲମ୍ବା ଲାଞ୍ଜୀ ଯାହାର ଲମ୍ୱ ୪୦ ରୁ ୬୦ ସିଏମ୍ ହୋଇଥାଏ ସେଗୁଡିକ ଏମାନଙ୍କର ସ୍ୱତନ୍ତ୍ର ପରିଚୟ ହୋଇଥାଏ । ଏହି ମାଙ୍କଡଙ୍କର ଓଜନ ୬କେଜିରୁ ୧୦ କେଜି ଭିତରେ ରହିଥାଏ, ଯାହା ମାଈ ଓ ଅଣ୍ଡିରାଙ୍କ କ୍ଷେତ୍ରରେ ଭିନ୍ନ ହୋଇଥାଏ । ଏମାନେ କେରଳ, କର୍ଣ୍ଣାଟକ ତାମିଲନାଡୁରେ ଦେଖିବାକୁ ମିଳିଥାଆନ୍ତି । ଏମାନେ ବିଶେଷଭାବେ ଗଛ ଉପରେ ବସବାସ କରନ୍ତି ବହୁତ କମ ସମୟ ପାଇଁ ତଳକୁ ଆସିଥାଆନ୍ତି । ତେବେ ଏମାନଙ୍କ ସଂଖ୍ୟା ବର୍ତ୍ତମାନ ଖୁବ କମ ରହିଛି, ଜଙ୍ଗଲରେ ଏମାନଙ୍କ ସଂଖ୍ୟା ୩ ହଜାରରୁ ବି କମ ରହିଛି । ଏମାନଙ୍କ ବଂଶ ବୃଦ୍ଧି ପାଇଁ ମଧ୍ୟ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଉଛି ।





# ନନ୍ଦନ କାନନ

ଏସିଆର ଏକ ବଡ ଚିଡିଆଖାନା ଭାବେ ନନ୍ଦନ କାନନ ପରିଚିତ । ଏହା ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ନିକଟରେ ଥିବା ଚନ୍ଦକା ଜଙ୍ଗଲ ଭିତରେ ପ୍ରାକୃତିକ ପରିବେଶରେ ଅବସ୍ଥିତ । ଏହା ମୋଟ ୪୦୦ ହେକ୍ଟର ଜମିରେ ନିର୍ମାଣ କରାଯାଇଛି । ଏହି ଅଞ୍ଚଳରେ ଚିଡିଆଖାନା ଓ ବଟାନିକାଲ ଗାର୍ଡେନ ରହିଛି । ୧୯୬୦ ମସିହାରେ ଏହାକୁ ପ୍ରତିଷ୍ଠା କରାଯାଇଥିଲା ଓ ୧୯୭୯ ମସିହାରେ ସାଧାରଣ ଲୋକଙ୍କ ପାଇଁ ଖୋଲାଯାଇଥିଲା । ନନ୍ଦନକାନନର ଅର୍ଥ ସ୍ୱର୍ଗର ବଗିଚା । ଏହା ସବୁଠୁ ବଡ଼ ବିରଳ ଧଳାବାଘ ପ୍ରଜନନ କେନ୍ଦ୍ର । ଏଠାରେ ଥିବା ବାଘ ସାରା ବିଶ୍ୱର ବିରଳ । ଏହା ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ । ଜୀବଜନ୍ତୁ ଉଦ୍ୟାନ ଓ ଉଦ୍ଭିଦ ଉଦ୍ୟାନ । ଚିଡିଆଖାନା ଭିତରେ ଜୀବଜନ୍ତୁ ରହୁଥିବାବେଳେ ବଟାନିକାଲ ଗାର୍ଡେନରେ ଉଦ୍ଭିଦ ଉଦ୍ୟାନ ରହିଛି । ଏକ ରିପୋର୍ଟ ଅନୁଯାୟୀ ନନ୍ଦନକାନନକୁ ପ୍ରତିବର୍ଷ ୩୩ଲକ୍ଷ ଲୋକ ବୁଲିବାକୁ ଆସନ୍ତି ।

ସୂଚନା ଅନୁସାରେ ୧୯୬୦ମସିହାରେ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିବା ବିଶ୍ୱ କୃଷି ମେଳାର ଓଡ଼ିଶା ଷ୍ଟଲରେ କିଛି ଦୁର୍ଲଭ ଗଛ ଓ ବଣ୍ୟଜନ୍ତୁଙ୍କୁ ସାମିଲ କରିବାକୁ ନିଷ୍ପତି ନିଆଯାଇଥିଲା । ଏଥିନିମନ୍ତେ ଓଡ଼ିଶାର ବିଭିନ୍ନ ସ୍ଥାନରୁ କିଛି ବଣ୍ୟଜନ୍ତୁଙ୍କୁ ଏକାଠି କରି ଦିଲ୍ଲୀ ନିଆଯାଇଥିଲା । ଦିଲ୍ଲୀ ଯାଇଥିବା ଏହି ବଣ୍ୟଜନ୍ତୁମାନେ ଓଡ଼ିଶା ଫେରିବା ପରେ, ସେମାନଙ୍କୁ ରଖିବା ନିମନ୍ତେ ଖଣ୍ଡଗିରିଠାରେ ଏକ ଅସ୍ଥାୟୀ ଗୃହ ନିର୍ମାଣ କରାଯାଇଥିଲା । ସେତେବେଳର ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ଏହି ବଣ୍ୟଜନ୍ତୁମାନଙ୍କୁ ଦେଖିବା ପରେ ଓଡ଼ିଶାରେ ଏକା ଚିଡ଼ିଆଖାନା ପ୍ରତିଷ୍ଠା କରିବାର ପ୍ରକ୍ରିୟା ଆରମ୍ଭ କରାଇଥିଲେ । ପ୍ରଥମେ ଖଣ୍ଡଗିରି ନିକଟସ୍ଥ ଘାଟିକିଆକୁ ଚିଡ଼ିଆଖାନା ନିମନ୍ତେ ବିଚାର କରାଯାଇଥିଲା କିନ୍ତୁ, ଆବଶ୍ୟକ ଜଳର ଅଭାବ ହେତୁ ଏହାକୁ ବାଦ ଦିଆଯାଇ ଚନ୍ଦକା ଜଙ୍ଗଲ ଭିତରେ ଥିବା କାଞ୍ଜିଆ ହ୍ରଦ ତଟରେ ଥିବା ଜୁଝାଗଡ଼କୁ ବଛାଗଲା । ଏହା ବାରଙ୍ଗ ରେଳ ଷ୍ଟେସନ ନିକରରେ ମଧ୍ୟ ଥିଲା ।

ଜୁଝାଗଡ଼ରେ ଜୀବ ଉଦ୍ୟାନ ଓ କୃଷ୍ଣସାଗର ଫରେଷ୍ଟ ବ୍ଲକରେ ଉଦ୍ଭିଦ ଉଦ୍ୟାନ ପ୍ରତିଷ୍ଠା କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ଭୁବନେଶ୍ୱରରୁ ଏକ ସିଧା ରାସ୍ତା ତିଆରି କରାଯିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା । କାଞ୍ଜିଆ ହ୍ରଦକୁ ଉନ୍ନତ କରାଯାଇ ବିଭିନ୍ନ ପ୍ରକାରର ଜଳଜୀବମାନଙ୍କୁ ରଖିବାକୁ ମଧ୍ୟ ନିଷ୍ପତ୍ତି ନିଆଗଲା । ୧୯୬୩ମସିହାରେ ଉଦ୍ଭିଦ ଉଦ୍ୟାନ ଖୋଲାଗଲା । ୧୯୬୪ମସିହାରେ କଲିକତାର ଆଲିପୁର ଚିଡ଼ିଆଖାନାରୁ ଗୋଟିଏ ବାଘ, ଦୁଇଟି ଆଫ୍ରିକୀୟ ସିଂହ, ଦୁଇଟି ମଗର ଓ ଗୋଟିଏ ପୁମା ଅଣାଯାଇଥିଲା । ୧୯୮୧ ମସିହାରେ ଏହି ଚିଡ଼ିଆଖାନାକୁ ନନ୍ଦନକାନନ ଜୀବ ଉଦ୍ୟାନ ଭାବରେ ନାମିତ କରାଗଲା । ଏହି ଚିଡିଆଖାନାରେ ଅନେକ ଜୀବ ରହିଛନ୍ତି । ଏଥିରେ ଅନେକ ପ୍ରଜାତିର ସ୍ତନ୍ୟପାୟୀ, ବିଭିନ୍ନ ପ୍ରଜାତିର ପକ୍ଷୀ ଓ ସରୀସୃପ ରହିଛନ୍ତି । ଏଠାରେ ଥିବା ଧଳା ବାଘ, ମହାବଳ ବାଘ, ଚିତା, କଳାବାଘ ଆଦି ବିରଳ । ଏଠାରେ ଥିବା ବାଘମାନେ ହେଉଛନ୍ତି ନନ୍ଦନକାନନର ମୁଖ୍ୟ ଆକର୍ଷଣ ।

କେବଳ ବାଘ ନୁହେଁ ଏହି ଚିଡିଆଖାନାରେ ଥିବା ସିଂହ, ଚିତାବାଘ, ଭାଲୁ, ଜିରାଫ, ହରିଣ, ନୀଳଗାଈ, ବଣ ବିଲେଇ. ହିପ୍ପୋ ଆଦି ବେଶ୍ ଆକର୍ଷଣୀୟ ହୋଇଥାଆନ୍ତି । ଏଠାରେ ଥିବା ପକ୍ଷୀସଫାରି ଖୁବ ସୁନ୍ଦର ହୋଇଥାଏ, ଯେଉଁଥିରେ ଦେଶୀ ଠାରୁ ଆରମ୍ଭ କରି ବିଦେଶୀ ବିଭିନ୍ନ ପ୍ରକାର ପକ୍ଷୀ ବାସ କରିଥାଆନ୍ତି । ଏଠାରେ ଅନେକ ବିରଳ ବିଦେଶୀ ପକ୍ଷୀ ମଧ୍ୟ ରହିଛନ୍ତି ଯେଉଁଗୁଡିକ ଦେଖିବାକୁ ଖୁବ ସୁନ୍ଦର ହୋଇଥାଆନ୍ତି । ସେହିଭଳି ଏଠାରେ ବିଭିନ୍ନ ପ୍ରକାରର ସରୀସୃପ ଦେଖିବାକୁ ମିଳିଥାଆନ୍ତି । ନନ୍ଦନର କାନରେ ଥିବା ସିମ୍ପାଞ୍ଜିମାନେ ସବୁ ଦର୍ଶକଙ୍କର ପ୍ରଥମ ପସନ୍ଦ ହୋଇଥାଆନ୍ତି । ସିମ୍ପାଞ୍ଜିଙ୍କ ସହିତ ଏଠାରେ ବିଦେଶୀ ମାଙ୍କଡ ମଧ୍ୟ ଦେଖିବାକୁ ମିଳିଥାଆନ୍ତି । ସେହିଭଳି ରାତ୍ରିଚର ପ୍ରାଣୀଙ୍କର ଏକ ଅଲଗା ଅଞ୍ଚଳ ରହିଛି, ଯେଉଁଠାରେ ବିଭିନ୍ନ ରାତ୍ରିଚରପ୍ରାଣୀ ଯେପରି ବିଭିନ୍ନ ପ୍ରଜାତିର ଓଧ,ପେଚା ଆଦି ସାମିଲ ଅଛନ୍ତି । ସେହିଭଳି ଏଠାରେ ଖୁବ ବଡ ଅଂଶରେ ମାଛ ମାନଙ୍କୁ ସ୍ଥାନ ଦିଆଯାଇଛି । ଏହି ଆକ୍ୱାରିୟମରେ ଅନେକ ମାଛଙ୍କୁ ପର୍ଯ୍ୟଟକମାନେ ଦେଖିବାକୁ ପାଇଥାଆନ୍ତି । ପ୍ରତିବର୍ଷ ନନ୍ଦନ କାନନକୁ ସାରା ବିଶ୍ୱରୁ ପର୍ଯ୍ୟଟକ ବୁଲିବାକୁ ଆସିଥାଆନ୍ତି । ସେହିଭଳି ସିଜିନ୍ ଅନୁସାରେ ଏଠାରେ ବେଶି ଭିଡ ଦେଖିବାକୁ ମିଳିଥାଏ । ସବୁଠାରୁ ଅଧିକ ଭିଡ ଏହାର ପ୍ରତିଷ୍ଠା ଦିବସରେ ଦେଖିବାକୁ ମିଳିଥାଏ ।







# ମନସୁନ୍ କେୟାର





## ମନସୁନ୍ ଫାବ୍ରିକ

ଏହି ଦିନେ ସବୁବେଳେ ଜଲଦି ଶୁଖୁଥିବା ଫାବ୍ରିକ୍‌କୁ ଚୟନ କରନ୍ତୁ । ଏହି ସମୟରେ କଟନ୍ ବ୍ଲେଣ୍ଡ, ନାଇଲନ୍, ପଲିଷ୍ଟର,ରେୟନ ଭଳି ଫାବ୍ରିକ ଚୟନ କରନ୍ତୁ । ଏଗୁଡିକ ପିନ୍ଧିବାକୁ ସୁନ୍ଦର ହୋଇଥିବାବେଳେ ଖୁବ ଜଲଦି ଶୁଖିଥାଏ ମଧ୍ୟ । ଏହି ଫାବ୍ରିକର ଅନେକ ପ୍ରକାରର ପୋଷାକ ମିଳିଥାଏ । ଏହି ଫ୍ରାବ୍ରିକର ଡ୍ରେସ, ସ୍କର୍ଟ, କୁର୍ତ୍ତା, ଟପ୍ ଆଦି ପିନ୍ଧି ପାରିବେ ।

## ରଙ୍ଗ

ଏହି ଦିନ ରଙ୍ଗକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ରହିଥାଏ । ଏହି ଦିନେ ଡ୍ରେସ ଅପରିଷ୍କାର ହେବାର ସମ୍ଭାବନା ଅଧିକ ରହିଥାଏ । ତେଣୁ ଏହି ଦିନେ ଗାଢ ରଙ୍ଗର ପୋଷାକ ପିନ୍ଧନ୍ତୁ ନାହିଁ । ଏହି ସମୟରେ ହଳଦିଆ, କୋରାଲ, କୋବାଲ୍ଟ ବ୍ଲୁ, ଗ୍ରୀନ ଆଦି ରଙ୍ଗ ପିନ୍ଧନ୍ତୁ । ଏଗୁଡିକ ଆପଣଙ୍କୁ ଏକ ଫ୍ରେସ ଲୁକ୍ ସହିତ ମୁଡକୁ ମଧ୍ୟ ଫ୍ରେସ କରିବ ।

## ଜୋତା

ବର୍ଷାରେ କେବଳ ଡ୍ରେସକୁ ନେଇ ନୁହେଁ ବରଂ ଜୋତାକୁ ମଧ୍ୟ ଧ୍ୟାନରେ ରଖନ୍ତୁ । ଏହି ଦିନେ ସ୍ୱତନ୍ତ୍ର ଜୋତା ପିନ୍ଧନ୍ତୁ ଯାହାଫଳରେ ଆପଣଙ୍କ ଭଲ ଜୋତା ନଷ୍ଟ ହେବ ନାହିଁ । ଏହି ସମୟରେ



**ମୌସୁମୀ ଆସିଲେ କ'ଣ ପିନ୍ଧିବେ ଏବଂ ଯାହାକୁ ପିନ୍ଧୁଛନ୍ତି ତାକୁ କିଭଳି ସଫା କରିବେ ଏହିଭଳି କଥାକୁ ନେଇ ଚିନ୍ତା କରିବାକୁ ପଡିଥାଏ । ବର୍ଷା କାରଣରୁ ଏହି ଦିନେ ଅନେକ ସମସ୍ୟା ଉପୁଜିଥାଏ । ତେବେ ଏହି ସମୟରେ ଫ୍ୟାଶନ ସହିତ ଆମ ଚର୍ମର ମଧ୍ୟ ଯତ୍ନ ନେବାକୁ ହୋଇଥାଏ ଯାହାଫଳରେ ଆମେ ଚର୍ମ ସଂକ୍ରମଣରୁ ରକ୍ଷା ପାଇ ପାରିବା ।**







ବିଶେଷ ଭାବେ ରବର ଚପଲକୁ ଚୟନ କରନ୍ତୁ, ରବର ଚପଲ ବର୍ଷାରେ ନଷ୍ଟ ହୋଇ ନଥାଏ । ସେହିଭଳି ଯେଉଁ ଜୋତା ପିନ୍ଧୁଛନ୍ତି ସେଗୁଡିକ କିଭଳି ପାଣି କିମ୍ବା ମାଟିରେ ଖସିବ ନାହିଁ ସେ ନେଇ ଧ୍ୟାନ ଦିଅନ୍ତୁ । ତେଣୁ ଭଲ ଗ୍ରିପ ଥିବା ଚପଲ ପିନ୍ଧନ୍ତୁ । ସେହିଭଳି ଅନ୍ୟ ଚପଲ ଭିତରେ କ୍ରକ୍ସ ପିନ୍ଧିପାରିବେ, ଏଗୁଡିକ ବର୍ଷାରେ ନଷ୍ଟ ହୋଇ ନଥାଏ । ସେହିଭଳି ଏହି ଦିନେ କେବେ ବି ଲେଦରର ଚପଲ ପିନ୍ଧନ୍ତୁ ନାହିଁ । ଏହା ନଷ୍ଟ ହେବାର ଖୁବ ଆଶଙ୍କା ଅଧିକ ରହିଥାଏ । ସେହିଭଳି ହିଲ୍ସ କିମ୍ବା କାନଭାସ ମଧ ପିନ୍ଧନ୍ତୁ ନାହିଁ । ଏଗୁଡିକ ବିଭିନ୍ନ ସମସ୍ୟା ଉପୁଜାଇଥାଏ ।

## ମେକଅପ

ଏହି ସମୟରେ ବର୍ଷା ହେଉଥିବାରୁ ମେକଅପ କରିବାକୁ ଇଚ୍ଛା ହୋଇନଥାଏ । ମେକଅପ ନଷ୍ଟ ହେବାର ଡର ମଧ ରହିଥାଏ । ତେବେ କିଛିଟା ଛୋଟ ଟ୍ରିକ ରହିଛି ଯାହାକୁ ଆପଣାଇଲେ ଆପଣ ଖୁବ ଭଲ ମେକଅପ କରିପାରିବେ । ଏହି ସମୟରେ ହାଲୁକା କ୍ରିମ୍ ସହିତ ମ୍ୟାଟ୍ ଲିପଷ୍ଟିକ ବ୍ୟବହାର କରନ୍ତୁ । ବିଶେଷ ଭାବେ ଆଖି ଓ ଓଠର ମେକ ଅପ୍‌ରେ ଧ୍ୟାନ ରଖନ୍ତୁ । ବର୍ଷା ଦିନ ପାଇଁ ଉପଯୁକ୍ତ ସାମଗ୍ରୀ ଏହି ସମୟରେ ବ୍ୟବହାର କରନ୍ତୁ ।

## ହେୟାର କେୟାର

ବର୍ଷା ସମୟରେ କେଶର ମଧ ଖୁବ ଯତ୍ନ ନେବାକୁ ହୋଇଥାଏ । ଏହି ସମୟରେ ଆଣ୍ଟି ଫଙ୍ଗାଲ ସାମ୍ପୋ ବ୍ୟବହାର କରନ୍ତୁ । ସେହିଭଳି ଚୁଟିକୁ ସଠିକ ଢଙ୍ଗରେ ଶୁଖାନ୍ତୁ । ସେହିଭଳି ଏହି ଦିନେ ଅଧିକ ତେଲ ଲଗାନ୍ତୁ ନାହିଁ । ବାହାରକୁ ଯିବା ସମୟରେ ମୁଣ୍ଡରେ କିଛି ୟୁନିକ ହେୟାର ଷ୍ଟାଇଲ କରନ୍ତୁ ଯେପରି ଏହା ସୁନ୍ଦର ଲୁକ ଦେବା ସହିତ ଆପଣଙ୍କ କେଶକୁ ନଷ୍ଟ କରିବ ନାହିଁ ।

## ଘଣ୍ଟା

ଯଦି ଘଣ୍ଟା ପିନ୍ଧିବାର ସଉକ ଅଛି, ତେବେ ଏହି ଦିନେ ୱାଟରପ୍ରୁଫ ଘଣ୍ଟା ପିନ୍ଧିପାରିବେ । ଯଦି ଏହା ନାହିଁ ତେବେ ଘଣ୍ଟାକୁ ସୁରକ୍ଷିତ ରଖନ୍ତୁ, ଓଦା କରନ୍ତୁ ନାହିଁ । ଯଦି ବାହାରକୁ ଯିବା ପରେ ବର୍ଷା ହେଉଛି ତେବେ ଘଣ୍ଟାକୁ ଖୋଲି ବ୍ୟାଗ୍‌ରେ ରଖିପାରିବେ ।

## ସଂକ୍ରମଣ

ମୌସୁମୀର ମୁଖ୍ୟ ଅସୁବିଧା ହୋଇଥାଏ ଏହି ସମୟରେ ପୋଷାକ ଭଲରେ ଶୁଖି ନଥାଏ । ପୋଷାକ ନଶୁଖିବା ଫଳରେ ଅନେକ ପ୍ରକାରର ସମସ୍ୟା ଦେଖିବାକୁ ମିଳିଥାଏ । ଏହି କାରଣରୁ ବିଭିନ୍ନ ସଂକ୍ରମଣ ଦେଖିବାକୁ ମିଳିଥାଏ ।

## ଫଙ୍ଗାଲ ସଂକ୍ରମଣ

ଆଦ୍ରତା କାରଣରୁ ବିଭିନ୍ନ ଫଙ୍ଗାଲ ଆମ ପୋଷାକରେ ବଢିବାର ସମ୍ଭାବନା ରହିଥାଏ । ଏହି କାରଣରୁ ଆମ ଶରୀରରେ ଲାଲ ଓ ଧଳା ରଙ୍ଗର ପ୍ୟାଚ ଦେଖିବାକୁ ମିଳିଥାଏ । ବେଳେବେଳେ ଆଙ୍ଗୁଠି ମଝିରେ ଏହି ସଂକ୍ରଣ ଦେଖିବାକୁ ମିଳେ । କୁଣ୍ଡାଇହେବାସହ ଫଳି ଯାଇଥାଏ । ଏହା ବିଶେଷଭାବେ ଗୋଡରେ ହୋଇଥାଏ ଯାହାର କାରଣ ଓଦା ସକ୍ସ କିମ୍ବା ଜୋତା ପିନ୍ଧିଲେ ହୋଇଥାଏ ।

## ବ୍ୟାକ୍ଟେରିଆଲ ସଂକ୍ରମଣ

ଏହି ସମୟରେ ଫଙ୍ଗାଲ ସଂକ୍ରମଣ ସହିତ ବ୍ୟାକ୍ଟେରିଆ ସଂକ୍ରମଣ ମଧ ଦେଖିବାକୁ ମିଳିଥାଏ । ଯଦି ଏହି ସମୟରେ ଓଦା ପୋଷାକ ସଂସ୍ପର୍ଶରେ ଆମ ଚର୍ମ ଆସିଥାଏ ତେବେ ବ୍ୟାକ୍ଟେରିଆଲ ସଂକ୍ରମଣ ହୋଇଥାଏ । ଯାହାଫଳରେ ଦେହରୁ ଦୁର୍ଗନ୍ଧ ବାହାରିଥାଏ । ବିଭିନ୍ନ ସ୍ଥାନ କୁଣ୍ଡାଇ ହୋଇ ଫଳିଯାଇଥାଏ ।

## ନାକରେ ସଂକ୍ରମଣ

ଏହି ସମୟରେ ବିଭିନ୍ନ ପ୍ରକାର ଆଲର୍ଜି ଦେଖିବାକୁ ମିଳିଥାଏ । ବିଶେଷଭାବେ ଅପରିଷ୍କାର ପୋଷାକ ପିନ୍ଧିଲେ ଛିଙ୍କ, କାଶ ଇତ୍ୟାଦି ହୋଇଥାଏ । ଏଗୁଡିକ ଏହି ସଂକ୍ରମଣର ଲକ୍ଷଣ ହୋଇଥାଏ ।

## ପାଦ ସଂକ୍ରମଣ


ଏହି ସମୟରେ ବିଶେଷଭାବେ ପାଦରେ ସଂକ୍ରମଣ ଦେଖିବାକୁ ମିଳିଥାଏ । ଓଦା ଜୋତା ଓ ସକସ୍ ପିନ୍ଧିବା ଫଳରେ ପାଦରେ ସଂକ୍ରମଣ ହୋଇଥାଏ । ପାଦ କୁଣ୍ଡାଇହେବା, ଫଳି ଯିବା, ଲାଲ ପଡିବା ଭଳି ସମସ୍ୟା ଦେଖିବାକୁ ମିଳିଥାଏ । ଏଗୁଡିକ ଖୁବ ଯନ୍ତ୍ରଣାଦାୟକ ହୋଇଥାଏ ।

## ଟିପ୍ସ

ଏହି ସମୟରେ ପୋଷାକ ଶୁଖାଇବାରେ ବିଶେଷଧ୍ୟାନ ଦିଅନ୍ତୁ । ଯେପରି ପୋଷାକ ଓଦା ରହିବ ନାହିଁ । ଭଲକରି ଖରା ହେଉ କିମ୍ବା ପବନରେ ଏଗୁଡିକୁ ଶୁଖାନ୍ତୁ । ନ ଶୁଖିଥିଲେ ଏହାକୁ ପିନ୍ଧନ୍ତୁ ନାହିଁ । ସେହିଭଳି ଆଣ୍ଟିଫଙ୍ଗାଲ ପାଉଡର ବ୍ୟବହାର କରିପାରିବ, ଯାହା ବିଭିନ୍ନ ସଂକ୍ରମଣକୁ କମାଇବ । ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ଖାଆନ୍ତୁ । ବିଶେଷଭାବେ ପାଦର ଯତ୍ନ ନିଅନ୍ତୁ । ଓଦା ଜୋତା କିମ୍ବା ସକସ୍ ପିନ୍ଧନ୍ତୁ ନାହିଁ । ପାଦରେ ତେଲ କିମ୍ବା ଡାକ୍ତରଙ୍କ ପରାମର୍ଶରେ କ୍ରିମ ମାରି ପାରିବେ ।







## ସଂଘର୍ଷ ଭଲ ହୋଇଥାଏ

ଆୟୁଷ୍ମାନ ଖୁରାନା ବି ଟାଉନ୍‌ର ଜଣେ ସଫଳ ଅଭିନେତା, ହେଲେ ସେ ପ୍ରଥମରୁ କ୍ୟାରିୟରରେ ଅନେକ ସଂଘର୍ଷ କରିଥିବା ଜଣା ପଡିଛି । ବିବାହ ସମୟରେ ସେ ଖୁବ ଅଧିକ ଆର୍ଥିକ ସଙ୍କଟରେ ଥିବା ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ତେବେ ଏହି ସମୟରେ ତାଙ୍କ ଧର୍ମପତ୍ନୀ ତାଙ୍କୁ ଖୁବ ସହାୟତା କରିଛନ୍ତି । ସେ ସବୁବେଳେ ତାଙ୍କ ସାଙ୍ଗରେ ଠିଆ ହୋଇଛନ୍ତି । ଉଭୟ ସବୁବେଳେ ଉଭୟଙ୍କୁ ସମର୍ଥନ କରିବା ସହିତ ସମସ୍ତ ବିପଦକୁ ଏକାଠି ସାମନା କରିଛନ୍ତି । ଏବେ ମଧ୍ୟ ଜୀବନରେ ଯାହା କିଛି ବି ସମସ୍ୟା ଆସୁଛି ସବୁକୁ ମିଳିମିଶି ସମାଧାନ କରୁଛନ୍ତି ।



## କେମେଷ୍ଟ୍ରୀକୁ ନେଇ ଚର୍ଚ୍ଚା

ପରଦାରେ ଅନେକ ଏଭଳି ଯୋଡି ଅଛନ୍ତି ଯେଉଁମାନଙ୍କର ଅନ୍‌ସ୍କ୍ରିନ୍ କେମେଷ୍ଟ୍ରୀକୁ ନେଇ ଖୁବ ଚର୍ଚ୍ଚା ହୋଇଥାଏ । ସେହିଭଳି ଏକ ଯୋଡି ଯାହାଙ୍କର ଫିଲ୍ମ ଆସିବା ପୂର୍ବରୁ ସେମାନଙ୍କ କେମେଷ୍ଟ୍ରୀକୁ ନେଇ ଖୁବ ଚର୍ଚ୍ଚା ହେଉଛି । ସାଉଥ୍ ଷ୍ଟାର ଅଲ୍ଲୁ ଅର୍ଜୁନ ଓ ମୃଣାଳ ଠାକୁରଙ୍କୁ ଖୁବ ଶୀଘ୍ର ଏକାଠି ସ୍କ୍ରିନ୍‌ରେ ଦେଖିବାକୁ ମିଳିବ । ଉଭୟଙ୍କ କେମେଷ୍ଟ୍ରୀନେଇ ବର୍ତ୍ତମାନଠାରୁ ଚର୍ଚ୍ଚା ଆରମ୍ଭ ହେଲାଣି । ଆଗକୁ ଉଭୟଙ୍କୁ ନିର୍ଦ୍ଦେଶକ ଅଟଲିଙ୍କର ଏକ ବଡ ପ୍ରୋଜେକ୍ଟରେ ଏକାଠି ଦେଖିବାକୁ ମିଳିବ । ଏହି ପ୍ରୋଜେକ୍ଟରେ ଅଲ୍ଲୁ ଓ ଅଟଲିଙ୍କ ଯୋଡିଙ୍କୁ ମଧ୍ୟ ପ୍ରଥମଥର ପାଇଁ ଦର୍ଶକ ଦେଖିବେ । ଏହି ନିର୍ଦ୍ଦେଶକ ଓ ହିରୋ ଯୋଡିଙ୍କର ପ୍ରୋଜେକ୍ଟ ଖୁବ ଭଲ ହେବ ବୋଲି ଦର୍ଶକ ଆଗୁଆ ଆକଳନ କରିଛନ୍ତି । ପ୍ରୋଜେକ୍ଟଟି ୮୦୦ କୋଟି ବ୍ୟୟରେ ନିର୍ମାଣ କରାଯାଇଛି ।





## ତାମିଲ ଡେବ୍ୟୁ ପାଇଁ ରେଡି

ଅଭିନେତ୍ରୀ ମିଥାଲି ପାଲକର୍ ନିଜର ତାମିଲ ଡେବ୍ୟୁକୁ ନେଇ ଖୁବ ଚର୍ଚ୍ଚାରେ ଅଛନ୍ତି । ସେ ନିଜେ ମଧ୍ୟ ନିଜର ଡେବ୍ୟୁ ପାଇଁ ଉତ୍ସାହିତ ଅଛନ୍ତି । ଛୋଟ ପରଦାରେ ନିଜର ସିରିଜ୍‌କୁ ନେଇ ଖୁବ ପରିଚିତ ମିଥାଲି । ତାଙ୍କର ଡେବ୍ୟୁ ଫିଲ୍ମ ଓ ଏଥାନ୍ ବେବି ପାଇଁ ସେ ଖୁବ ପରିଶ୍ରମ କରିଥିବା ପ୍ରକାଶ କରିଛନ୍ତି । ଜଣେ କଳାକାର ଭାବେ ସେ ସବୁବେଳେ ଖୁବ ପରିଶ୍ରମ କରିଥାଆନ୍ତି । ସେହିଭଳି ସବୁବେଳେ କମ୍ଫର୍ଟ ଜୋନ୍ ବାହାରକୁ ଯାଇ କାମ କରିବାକୁ ସେ ପସନ୍ଦ କରନ୍ତି । ତେଣୁ ଏହି ଫିଲ୍ମରେ ଦର୍ଶକ ତାଙ୍କର ଏକ ନୂଆ ଲୁକ୍ ଦେଖିବାକୁ ପାଇବେ ବୋଲି ପ୍ରକାଶ କରିଛନ୍ତି । ମିଥାଲିଙ୍କର ଚୁଲବୁଲି ଲୁକ୍ ଓ ନିଖୁଣ ଅଭିନୟ ପାଇଁ ସେ ଖୁବ ପରିଚିତ । ତାଙ୍କ ଅଭିନୀତ ଲିଟିଲ୍ ଥିଙ୍ଗସ୍ ସିରିଜ ଖୁବ ପରିଚିତ ସିରିଜ, ଯାହାକୁ ଦର୍ଶକ ଖୁବ ପସନ୍ଦ କରନ୍ତି ।



## ନୂଆ ଫିଲ୍ମକୁ ନେଇ ଉତ୍ସାହିତ

ବିଟାଉନ୍ ହିରୋଇନ୍ ଫାତିମା ସନା ଶେଖ୍ ବର୍ତ୍ତମାନ ନିଜ ନୂଆ ପ୍ରୋଜେକ୍ଟକୁ ନେଇ ଖୁବ ଚର୍ଚ୍ଚାରେ ଅଛନ୍ତି । ତାଙ୍କର ଆଗକୁ ଆପ୍ ଜେସା କୋଇ ରିଲିଜ୍ ହେବାକୁ ଅଛି । ଫିଲ୍ମର ଗୀତ ରିଲିଜ୍ ପରେ ଦର୍ଶକ ଏହାକୁ ଖୁବ ଭଲ ପାଇବା ଦେବାରେ ଲାଗିଛନ୍ତି । ଗୀତଟିର ଲିରିକ୍ସ ସହିତ ମ୍ୟୁଜିକ୍‌କୁ ସମସ୍ତେ ଖୁବ ପସନ୍ଦ କରିବାରେ ଲାଗିଛନ୍ତି । ଫିଲ୍ମଟି ଏକ ରୋମାଣ୍ଟିକ ଟ୍ରାକ ଯେଉଁଥିରେ ଖୁବ ସୁନ୍ଦର କାହାଣୀ ରହିଛି ବୋଲି ଗୀତରୁ ଦର୍ଶକ ଆକଳନ କରୁଛନ୍ତି । ସେହିଭଳି ମାଧବନ ଓ ସନାଙ୍କ କେମେଷ୍ଟ୍ରୀ ମଧ୍ୟ ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ମେକର୍ସ ଆଶା ରଖିଛନ୍ତି । ଫିଲ୍ମଟି ସୁପରହିଟ ହେବ ବୋଲି ଏହାର ପୂରା ୟୁନିଟ୍ ଆଶା ବାନ୍ଧିଛନ୍ତି ।



## ଆମ୍ବାସଡର କାର୍ତ୍ତିକ

ବଲିଉଡ ଷ୍ଟାର କାର୍ତ୍ତିକ ଆରିୟନଙ୍କୁ ବର୍ତ୍ତମାନ ବ୍ରାଣ୍ଡ୍ ଆମ୍ବସଡର ଭାବେ ଦେଖିବାକୁ ମିଳିବ । ତେବେ ପ୍ରଥମଥର ପାଇଁ ଏକ ମାର୍କେଟିଂ କାମ୍ପାନିଂରେ କାର୍ତ୍ତିକଙ୍କୁ ଦେଖିବାକୁ ମିଳିବ ବୋଲି ଜଣା ପଡିଛି । ସୂଚନା ଅନୁସାରେ ସେ ଜୋତା କମ୍ପାନୀ ସ୍କେଚର୍ସ ପାଇଁ ବ୍ରାଣ୍ଡଆମ୍ବାସଡର ଭାବେ ନିଯୁକ୍ତ ହୋଇଛନ୍ତି । କାର୍ତ୍ତିକଙ୍କର ପର୍ସନାଲିଟି ସ୍କେଚର୍ସ ବ୍ରାଣ୍ଡ୍‌କୁ ଆଗକୁ ନେବାରେ ଖୁବ ସହାୟକ ହେବ ବୋଲି କମ୍ପାନୀର ସିଇଓ ପ୍ରକାଶ କରିଛନ୍ତି । ବର୍ତ୍ତମାନ କାର୍ତ୍ତିକଙ୍କୁ ଯୁବଗୋଷ୍ଠୀଙ୍କର ଆଇକନ ଭାବେ ନିଆଯାଉଛି, ତେଣୁ ଏହା ତାଙ୍କ କମ୍ପାନୀ ପାଇଁ ଖୁବ ସହାୟକ ହେବ ବୋଲି ସେ କହିଛନ୍ତି । ଭାରତରେ ନିଜ ବ୍ରାଣ୍ଡକୁ ଆହୁରି ଆଗକୁ ନେବାକୁ ଏହି ପଦକ୍ଷେପ କମ୍ପାନୀ ନେଇଥିବା ଜଣା ପଡିଛି ।







## ସ୍କୁଲ ବେଳର ପୂଜା

ଖୁବ୍ ମନେ ପଡେ ସ୍କୁଲର ପୂଜା
ଛୋଟ ବେଳର ସେ ଆନନ୍ଦ ମଜା
ସେ ପୂଜା ଭୋଜି ଦିବ୍ୟ ପରିବେଶ
ମନେ ଜଗାଏ କେତେ ଉଲ୍ଲାସ ।।
ଗଣେଶ ଚତୁର୍ଥୀ କି ଶ୍ରୀପଞ୍ଚମୀ ତିଥିରେ
ପ୍ରଜାପତି ପରି ଆନନ୍ଦ ମନରେ
ସାଙ୍ଗ ସାଥିଙ୍କ ସହ ଘର ବୁଲା
ଖୁସିରେ ଉଲ୍ଲସି କରୁ ହୋହଲ୍ଲା ।।
ସଭିଏଁ ବୁଲନ୍ତି ସ୍କୁଲ ଅଗଣାରେ
ଗୁରୁଜୀଙ୍କ ଆକଟ ନ ଥାଏ ଖେଳରେ
ଅଳପ ଖରଚେ ସବୁରି ମେଳରେ
ଅମାପ ଖୁସି ଭରେ ସରଳ ମନରେ ।।
ରଙ୍ଗ ବେରଙ୍ଗର ନୂଆ ବସନରେ
ଠାକୁର ସଜାନ୍ତି କେତେ ଫୁଲରେ
ଧୂପ ଦୀପ ଅଗୁର ଚନ୍ଦନ ସୁଗନ୍ଧରେ
ପୁଷ୍ପାଞ୍ଜଳି ଦିଅନ୍ତି ମନ୍ତ୍ର ପାଠରେ ।।
ପାଠର ଚିନ୍ତା ନଥାଏ ମନରେ
ଖଡ଼ି କଲମ ମୋଡି କାଗଜରେ
ବାପା ଲେଖନ୍ତି ନାମ ନାଲି କାଳିରେ
କାଳେ ହଜିଯିବ ଭିଡ ଭିତରେ ।।
ସେଦିନ ଭୋଜିର ଡାଲି ତରକାରୀ
ଲାଗେ ସବୁ କିଛି ଅମୃତ ପରି
ସାଥୀ ସାଙ୍ଗେ ଖାଇ ଦେଉ ପେଟ ଭରି
ଖିରିର ସ୍ୱାଦ ଥାଏ ନିଆରା ଭାରି ।।
ଆଜିକାଲି ପିଲାଙ୍କୁ ରୁଚୁନି ସେ ଭୋଜି
ତାଙ୍କର ଦରକାର ଖାଲି ଆତସ ବାଜି
କେତେ ଉପଦେଶ ଦେଉଥିଲେ ଗୁରୁଜୀ
ସୁଫଳ ପାଇବା ଭକ୍ତିରେ ଦେବଙ୍କୁ ପୂଜି ।।
ଖୁବ୍ ବିଭୋର ଥିଲା ସେହି ବେଳ
ପୂଜା ସାଙ୍ଗକୁ କେତେକେତେ ଖେଳ
ଭସାଣି ଦିନ ଲୁହ ଆଖିରେ ଆସେ
ସବୁରି ଅପେକ୍ଷା ପୁଣି ବରଷେ ।।

**ଅନସୂୟା ପଣ୍ଡା**
ବୁର୍ଲା, ସମ୍ବଲପୁର
ମୋ: ୯୪୩୯୨୧୧୯୭୧

## ଅଫେରା ଚାରି ଦରବ

ଚାରିଟି ଦରବ ଚାଲିଗଲେ ଥରେ
ଆଉ ତାହା ଫେରେ ନାହିଁ
ସେ ଚାରି ଦରବ କହୁଅଛି ମୁହିଁ
ଶୁଣ ପିଲେ ମନ ଦେଇ ।।
ତୁଣ୍ଡରୁ ବଚନ ଚାଲିଗଲେ ଥରେ
ତାହା ଆଉ ଫେରେ ନାହିଁ
ମଧୁର ବଚନ କହିବଟି ଏଣୁ
କୁ ବଚନୁ ଦୂରେ ରହି ।।
ଧନୁରୁ ତୀରଟି ଯେବେ ଚାଲିଯାଏ
କେବେ ତା ଲେଉଟେ ନାହିଁ
ସାବଧାନ ହୋଇ କାମ କଲେ ଜାଣ
ବିପଦେ ପଡିବ ନାହିଁ ।।
ଅତୀତ ସମୟ ଫେରେ ନାହିଁ କେବେ
ଯେତେ ମୁଣ୍ଡ ବାଡ଼େଇଲେ
ସମୟକୁ ଜଗି କାମ କଲେ ପିଲେ
ଜଗତ ଜିଣିବ ଭଲେ ।।
ସୁଯୋଗଟି ଥରେ ହାତୁ ଚାଲିଗଲେ
ଆଉ ତାହା ମିଳେ ନାହିଁ
ଏଣୁ ସୁଯୋଗକୁ ହାତଛଡ଼ା ତୁମେ
କେବେବି କରିବ ନାହିଁ ।।
ଏଚାରି କଥାକୁ କେବେ ଭୁଲିବନି
ରଖିବଟି ସଦା ମନେ
ମନେରଖି କାମ କରିଲେଟି ଜାଣ
ସଫଳ ହେବ ଜୀବନେ ।।

**ଶ୍ରୀକାନ୍ତ କୁମାର ମହାଳିକ**
ଚରଦିଆ, ମତୋ, ଭଦ୍ରକ
ମୋ: ୮୭୬୫୮୪୩୯୭୦୨

## ଗଛ କହିଲା ବାଟୋଇକୁ


ଗଛଟି କହିଲା ବାଟୋଇକୁ
ଆସ୍ ଟିକେ ମୋ'ପାଖକୁ
ମୁଁ ସହିବି ଟାଣ ଖରା ସବୁ
ଛାଇ ଯୋଗେଇ ତୁମକୁ ।।
ଫୁଲ ଫୁଟେଇବି ମୋ'ଡାଳରେ
ହାତରେ ଦେବି ଫଳକୁ
ଫଳକୁ ଖାଇ ଭରିବୁ ପେଟ
ପବନ ଦେବି ଦେହକୁ ।।
ଗଛ କହିଲା ବାଟୋଇ ଭାଇ
ଶୋଇପଡ଼ ମୋ ମୂଳରେ
ଦେଖିବୁ କେତେ ଶୀତଳ ବାଆ,
ପାଇବୁ ଟାଣ ଖରାରେ ।।
କାଉ କୋଇଲି ବଗବଗୁଲି
ସାହାରାଟି ପାଇ ମୋର
ସମସ୍ତେ ନିଜ ସଂସାର ପାଇଁ
ତୋଳିଛନ୍ତି ନିଜ ଘର ।।
ଗଛ କହିଲା ବାଟୋଇରେ ତୁ
ମାନିଯା ମୋର, କଥାରେ
ବରଷା ପରେ ନିଜ ବାଡ଼ିରେ
ଦି ଚାରି ଗଛ ଲଗାରେ ।।
ପାଇବୁ ଶୁଦ୍ଧ ଅମଳଜାନ,
ପାଣି, ପବନ ଛାଇରେ
ସବୁ ସୁବିଧା ମିଳିବ ତୋତେ
ଦକ ରହିବ ନାହିଁରେ ।।
ଆସନ୍ତାକାଲି ବଞ୍ଚିବା ପାଇଁ
ହେବେନି କେହି ଦୁଃଖିରେ
ସୁଖରେ ତୋ'ର ନାତି ନାତୁଣୀ
ଚଳିବେ ବଡ଼ ଖୁସିରେ ।।

**ମୋହନ କୁମାର ସ୍ୱାଇଁ**
ବେଣାପୁର, କଣ୍ଟିଗଡ଼ିଆ, ଯାଜପୁର
ମୋ: ୮୯୧୮୦୯୯୦୩୮

## ତୋବାଟ ରହିବୁ ଚାହିଁ

ଖରା ଗୁଳୁଗୁଳି ତାତି ଦାଉ ସହି
ତୋବାଟ ରହିବୁ ଚାହିଁ
ହସିବୁ ନାଚିବୁ ଗାଇବୁ ଖେଳିବୁ
ଆସିଲେ ସଅଳ ଧାଇଁ ।।
ଝରାଇଦେଲେ ତୁ ଆକାଶରୁ ପାଣି
କଅଁଳି ଉଠିବ ଘାସ
ସାଧବୋହୂଟି ସେଇ ଘାସପରେ
ରଚିବ ସୁନ୍ଦର ରାସ ।।
ପାଠପଢା ସାରି ରଅଫ ଖାତାର
କାଗଜକୁ ଆମେ ଚିରି
କାଗଜର ଡଙ୍ଗା ତିଆରି ରଖିଛୁ
ପାଖରେ ଯତନ କରି ।।
ଗାଆଁଦାଣ୍ଡେ ଯେବେ ଭାସି ଯାଉଥିବ
ଗୋଳିଆ ପାଣିର ସୁଅ
ସେଇ ପାଣିସୁଏ ଭସାଇବୁ ଡଙ୍ଗା
ସାଥୀହେଇ ଝିଅ ପୁଅ ।।
ନଈ ପୂରିଯିବ ସୁଅ ଛୁଟୁଥିବ
ପହଁରି ଖେଳିବୁ ଯାଇ
ବେଳ ଗଡ଼ିଗଲେ ଫେରିବୁ ଘରକୁ
ମିଠାକୋଳି ତୋଳି ଖାଇ ।।
ବଣବୁଦା ବୁଲି କଷି କରମଙ୍ଗା
ପିଜୁଳି ଖାଇବୁ ଖୋଜି
ଲୁଚକାଳି ଖେଳ ଖେଳିବୁ ଖୁସିରେ
ବରଷା ପାଣିରେ ଭିଜି ।।
ଘଡ଼ଘଡ଼ି ଡାକ ବିଜୁଳି ଚମକ
ନଡ଼ରି ବରଷା ବାଆ
ଜାଗିବୁ ଲାଗିବୁ ପାଠ ପଢିଯିବୁ
ହସାଇବୁ ସାହି ଗାଆଁ ।।
ଆ'ରେ ବରଷା ଦେଏତୁ ଭରସା
ତୋବାଟ ରହିବୁ ଚାହିଁ
ତୋପରିକା ମିତ କରିବାକୁ ହିତ
କିଏ ଅଛି ଅବା କାହିଁ ।।

**ପ୍ରଶାନ୍ତ କୁମାର ଦାଶ**
କୁଞ୍ଜର ସଙ୍ଗଳାଇ, ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦



## ଗଛ ପାଇଁ ପରିବେଶ ଦିଶେ ସୁନ୍ଦର

ଏକ ଦୁଇ ତିନି ଚାରି ପାଞ୍ଚ ପନ୍ଦର,
ଧାଡ଼ି ଧାଡ଼ି ଗଛ ଦିଶେ କେଡେ ସୁନ୍ଦର ।
ବାଟ କଡେ ଛିଡା ହୋଇ ଦେଉଛି ଛାଇ,
ଥକ୍କା ମାରୁଅଛି ବସି ବାଟୋଇ ଭାଇ ।
ଶୀତଳ ପବନ ତା'ର ଦେହକୁ ଛୁଏଁ,
ଘୋର ଗିରିଷମ ତାପ ଦୂରେଇ ଦିଏ ।
ଦେଉଛି ଆମକୁ ଫୁଲ ଫଳ ସେ ଯାଚି,
ନିଜ ଖାଦ୍ୟ ନିଜ ଦେହେ ରଖଇ ସଞ୍ଚି ।
ଅମ୍ଳଜାନ ଦେଉଅଛି ପ୍ରଶ୍ୱାସ ପାଇଁ,
ବାୟୁରୁ ଅଙ୍ଗାରକାମ୍ଳକୁ ଯାଉଛି ନେଇ ।
ଗଛର ଚେର ଶୋଷଇ ମାଟିରୁ ଜଳ,
ପତ୍ର କରେ ବାଷ୍ପିଭୂତ ଦେଖାଏ ବଳ ।
ଖରା ପରେ ବର୍ଷା ଯେବେ ଧରାକୁ ଆସେ,
ସବୁଜିମାଭରା ଧରା ମୁରୁକି ହସେ ।
ଗଛ ପାଇଁ ପରିବେଶ ଦିଶେ ସୁନ୍ଦର,
ଆସ ମିଳିମିଶି ଯତ୍ନ ନେବା ତାହାର ।

**ପ୍ରଫୁଲ୍ଲ କୁମାର ସାହୁ**
ଓସ୍ତପୁର, ମାହାଙ୍ଗା
ମୋ: ୭୬୦୯୦୪୪୩୮୩



ଆମ ସହ ଯୋଡ଼ିହେବାକୁ ଚାହୁଁଥିଲେ ନିଜ ସୁଚିନ୍ତିତ ମତାମତ ଓ ଶିଶୁ ସମ୍ବଳିତ କବିତା କିମ୍ବା ଗଳ୍ପ ଏହି ଇ-ମେଲ୍ ଆଇଡି 2022taranga@gmail.comରେ ପଠାଇବାକୁ ଅନୁରୋଧ ।

-'ସମୟ ତରଙ୍ଗ' ପରିବାର



ମୃଣାଳ
mrinalchatterjeeiimc@gmail.com

# ମୂଳଠୁ ଚୂଳ, ଉପାଦେୟ ତାଳ

ବର୍ଷା ଦିନ ଆରମ୍ଭରେ ପାଚିଲା ତାଳ ମିଳେ । ପାଚିଲା ତାଳର ଗୋଟେ ମତୁଆଲା ବାସ୍ନା ଅଛି । ଘରେ ଗୋଟିଏ ପାଚିଲା ତାଳ ଥିଲେ ସାରା ଘର ମହକି ଯାଏ । ଭାରତର ଅଧିକାଂଶ ଅଞ୍ଚଳରେ ତାଳଗଛ ଦେଖାଯାଏ, ବିଶେଷ କରି ପୂର୍ବ ଏବଂ ଦକ୍ଷିଣ ଭାରତରେ । ସବୁଠୁଁ ଅଧିକ ତାଳଗଛ ଦେଖାଯାଏ ତାମିଲନାଡୁରେ । ନଡ଼ିଆ ଭଳି ତାଳ ସହିତ ମଧ ଆମର ଆରମ୍ଭରୁ ଶେଷ ଯାଏଁ ସମ୍ପର୍କ । ଶିଶିର କୁମାର ସାହୁ ଏ ବିଷୟରେ ତାଙ୍କର ଫେସବୁକ ପୃଷ୍ଠାରେ ବିସ୍ତାରିତ ଭାବେ ଲେଖିଛନ୍ତ । ପଢନ୍ତୁ: ଓଡ଼ିଆ ଲୋକଗୀତ ଅଛି: ଉହୁଉହୁମା, ତାଳ ଗୋଟମା, ନୂଆ ବୋହୁରାଣୀ ପିତଳସମା, ହରଚଣ୍ଡିଙ୍କର ଭାଇ ମଲା, ରକତ ପିଣ୍ଡୋଳେ ଭାସିଗଲା । ଆମ୍ଭଟିଏ ଖାଉଁ ଖାଉଁ କୋଇଲିଟିଏ କଷା, କି ମାଡ଼ ମାଇଲୁ ଭାଇ ଚାରିକୁଣିଆ ବସା । ତାଳ ଗୋଟମା ତାଳ ଫଳର ପ୍ରାଥମିକ ଅବସ୍ଥା । ବେଳେବେଳେ ଏହା ଗଛରୁ କ୍ଷୁଦ୍ର ଅବସ୍ଥାରେ ଗଳିପଡ଼ିଲେ ପିଲାଏ ତାକୁ ଆଣି ଖେଳ ସାମଗ୍ରୀ ଭାବେ ବ୍ୟହାର କରନ୍ତି । ଏହି ପ୍ରାଥମିକ ସ୍ତରର ଶସ ନଥବା ତାଳଗୋଟମା ଶୁଖିଗଲେ ତାକୁ ଜାଳ କରାଯାଏ । ଗୋଟମା ପର ଅବସ୍ଥା ହେଲା- ତାଳ ସଜ । ଛୋଟ କଞ୍ଚା ଫଳର ଚୋପାକୁ ଛେଇଁଲେ ତାହା ମଧ୍ୟରୁ କୋମଳ ଓ ସୁସ୍ୱାଦୁ ଶସ ବାହାରେ । ଏହି ଶସକୁ ତାଳସଜ କୁହନ୍ତି, ଏହା ଖିଆଯାଏ । ତାଳସଜ ଖାଇସାରିବା ପରେ ଗୋଲାକାର ତାଳ ଗୋଟମା ମଝିରେ ଖଣ୍ଡିଏ ବଙ୍କା ବାଉଁଶ କଣିର ଅଗମୂଳ ପୂରାଇ ତାକୁ ଗାଡ଼ି କରି ପିଲାଏ ଖେଳନ୍ତି । ଏହାକୁ ଢେଙ୍କାନାଳରେ 'ତାଳ ଗୁଟିଆ' କୁହାଯାଏ । ଜଳୀୟ ଶସ ଥିବା ଏହି ସଜ ତାଳରୁ ସଜ ଖାଇ ତାକୁ ଶୁଖାଇ ପରେ ଜାଳ କରାଯାଏ । ତାଳସଜ ପର ଅବସ୍ଥା ହେଲା- ପାଚିଲା ତାଳ । ପାଚିଲା ତାଳ ଫଳରୁ ଯେଉଁ ଘନ ରସ ବାହାରେ ତାହା ବଡ଼ ଗୁରୁପାକ । ଲୋକେ ଏହି ରସକୁ ଚାଉଳ ଚୂନା ଆଦିରେ ମିଶାଇ ପିଠା କରି ଖାଆନ୍ତି । ସେହି ପିଠାକୁ ତାଳପିଠା ତଥା କେଉଁଠି କେଉଁଠି ତାଳବରା କୁହାଯାଏ । ଓଡ଼ିଶାରେ ଭିନ୍ନ ପ୍ରକାରର ତାଳପିଠା କରାଯାଏ । ପାଚିଲା ତାଳରୁ ପକ୍ୱ ଶସ ସଂଗ୍ରହ କରିନେଲା ପରେ ବଞ୍ଚି ଯାଇଥିବା ତାଳ ଚୋପା ତଥା ତାଳ ଓ ଅନ୍ୟାନ୍ୟ ଅଂଶକୁ ଗାଈକୁ ଖାଇବାକୁ ଦିଆଯାଏ । ତାଳ ଫଳର ଟାଙ୍କୁଆକୁ ଇଟା, ପଥର କିମ୍ୱା କାଠର ଭାଡି କରି ରଖାଯାଏ । ତାଳଟାଙ୍କୁଆରୁ ଚେର ବାହାରିଲା ପରେ ଟାଙ୍କୁଆକୁ ମଝିରୁ ଦୁଇଗଡ଼ କରି ହାଣି ତା ଭିତରେ ଥିବା ଶସକୁ ଖିଆଯାଇଥାଏ । ଦିପାବଳୀ ସମୟରେ ବଡ଼ବଡିଆ ଡାକ ବେଳେ ପୂର୍ବଜଙ୍କୁ ଏହି ତାଳ ଟାଙ୍କୁଆ ଶସ ଲାଗିକରାଯାଏ । କେତେକ ଅଞ୍ଚଳରେ ଏହାକୁ ତାଳଖୁଙ୍କ ବା ଖୁଙ୍କୁଡି କହନ୍ତି । ତାଳଗଛର ଫଳ କେବଳ ନୁହେଁ, ପତ୍ର, ବାହୁଙ୍ଗି ଓ କୋରଟ ଆଦି ଏହାର ପ୍ରତ୍ୟେକ ଅଂଶ କାମରେ ଲାଗେ । ତାଳପତ୍ରରେ ଲେଖିବାର ରୀତି ଏ ଦେଶରେ ପ୍ରାଚୀନ କାଳରୁ ଚଳି ଆସୁଅଛି । ତାଳପତ୍ରରେ ବହୁତ ଗ୍ରନ୍ଥ ଲେଖାଯାଉଥିଲା । ବସ୍ତୁତଃ ତାଳପତ୍ରରେ ଲେଖନ କଳାର ବିକାଶ ଯୋଗୁ ଓଡ଼ିଆ ଭାଷାର ଲିପି ଗୋଲାକାର ହୋଇଛି । କାଗଜର ବ୍ୟହାର ହେବାରୁ ତାଳପତ୍ରରେ ଲେଖାଲେଖି କ୍ରମଶଃ କମି ଯାଇଛି ।




ତାଳପତ୍ରରେ ଝାମ୍ପ, ଛତା, ପଙ୍ଖା, ପଖିଆ, ପଟୀ ଆଦି ତିଆରି ହୁଏ ଓ ଘରଛୁଆଣି ହୁଏ । ପିଲାଙ୍କ ଖେଳଣା ମଧ ପ୍ରସ୍ତୁତ କରାଯାଏ । ତାଳପତ୍ର ବରଡ଼ାରେ ପେଣ୍ଡୁ, ଘଣ୍ଟା, ଫିରିକ, ବାଜା ଓ ମୁଦି ଆଦି ଗଢ଼ି ପିଲାଏ ଖେଳନ୍ତି । ସେହିପରି କଞ୍ଚା ତାଳ ବାହୁଙ୍ଗାକୁ ମଝିରୁ ଅଧା ଚିରି 'ତାଳଫୁଟୁକା' ନାମକ ବାଜା ମଧ ପ୍ରସ୍ତୁତ କରାଯାଏ । ସେହିପରି ବାହୁଙ୍ଗାରୁ ଦାଣ୍ଡୁ ବା ଦେଶୀ ବ୍ୟାଟ୍ ମଧ ଗଢ଼ାଯାଏ । ଆଗେ ପିଲାଏ ତାଳ ବାହୁଙ୍ଗା ଦାଣ୍ଡୁ(ବ୍ୟାଟ୍) ତଥା ତାଳ ବରଡ଼ା ପେଣ୍ଡୁରେ ବେସ୍ ବଲ ଭଳି ଖେଳ ଖେଳୁଥିଲେ । ଗୋଟା ତାଳପତ୍ରକୁ କିଛି ଦିନ ଶୁଖାଇ ଘର ଛାଆଣୀ କରାଯାଏ । ଆଜିକାଲି ଏହାର ବ୍ୟହାର ପ୍ରାୟତଃ କମି ଯାଇଛି ଏବଂ କେହି କେହି ହିଁ ଛାମୁଣ୍ଡିଆ ତଥା ଗୁହାଳ ପାଇଁ ତାଳପତ୍ର ଆଶ୍ୟକ କରୁଛନ୍ତି । ଆଗେ ତାଳବାହୁଙ୍ଗାର ପିଠିରୁ ଓ ପେଟରୁ ଖୁବ୍ ଚେମଡ଼ା ଲଇ ବାହାର କରାଯାଉଥିଲା ଏବଂ ତାକୁ କୋରଟ କୁହାଯାଉଥିଲା । କୋରଟ ଦ୍ୱାରା ବାଡ଼ ବନ୍ଧା ତଥା ଘରଛାଆଣି କାମ ହେଉଥିଲା ।

ପାକଳ ତାଳଗଛର ଗଣ୍ଡି ଲୁହା କଡ଼ି ପରି ଶକ୍ତ ବୋଲି ଓଡ଼ିଶାର ଲୋକେ ତାକୁ ଚିରି ଶେଣୀ ଓ ଉରା କରୁଥିଲେ । ତାଳଗଛର ଗଣ୍ଡିକୁ ଚିରି କରି ହୁଲିଡ଼ଙ୍ଗା, ନୋଧା ଓ ପାଣି ବୋହିବା ନଳା କରାଯାଉଥିଲା । ତାଳ ତାଡ଼ି ଅନେକେ ଭଲ ପାଆନ୍ତି । ଓଡ଼ିଶାରେ ତାଳ ଗଛର ପୁଷ୍ପକୋଷର ଅଗ୍ରଭାଗକୁ କାଟି ସେଥିରୁ 'ତାଡ଼ି' ବାହାର କରାଯାଏ ଓ ଏ ରସରୁ ଗୁଡ଼ ଓ ମିଶ୍ରି ଆଦି କରାଯାଏ । ତାଳପତ୍ର ଶୁଖିଗଲେ ତାହା ଆପେ ଗଛରୁ ପଡ଼ିଯାଏ । ଲୋକେ ତାକୁ ଗୋଟାଇ ଆଣି ଜାଳେଣି କରନ୍ତି । ଢେଙ୍କାନାଳରେ ଏହି ଶୁଖିଲା ତାଳପତ୍ର ବାହୁଙ୍ଗିକୁ ଖୁକୁଡି କୁହାଯାଏ । ତାଳଗଛ ଟାଙ୍କୁଆରୁ ଶସ ଖାଇ ସାରିବା ପରେ ତାକୁ ଖରାରେ ଶୁଖାଇ ଜାଳେଣି ଭାବେ ବ୍ୟହାର କରାଯାଏ । ଘର ଛାଆଣି ସମୟରେ ପୁରୁଣା ତାଳପତ୍ର ବାହାର କରି ନୂଆ ପତ୍ରକୁ ଛାଆଣି କରାଯାଏ ଏଂ ପୁରୁଣା ପତ୍ର ଜାଳେଣି ଭାବେ କାମରେ ଲାଗେ ।

## ପଣ୍ଡିତ ମାଧବ ରାଓ ସପ୍ରେ

ପଣ୍ଡିତ ମାଧବ ରାଓ ସପ୍ରେଙ୍କୁ ହିନ୍ଦୀ ସାହିତ୍ୟରେ ପ୍ରଥମ ଗଳ୍ପ ରଚୟିତାର ମାନ୍ୟତା ଦିଆଯାଏ । ସେ ଯେଉଁ ଗଳ୍ପଟି ଲେଖିଥିଲେ ତାହାର ଶୀର୍ଷକ ଥିଲା 'ଏ ଡ଼ଙ୍ଗରିଭର ମିଟି'- ଝୁଡ଼ିଏ ମାଟି । ୧୯୦୦ ମସିହା ଜାନୁଆରୀରେ ସେ ଗୋଟେ ହିନ୍ଦୀ ପତ୍ରିକା ପ୍ରକାଶ ଆରମ୍ଭ କରିଥିଲେ 'ଛତିଶଗଡ଼ ମିତ୍ର' । ସେଥିରେ ଏ ଗଳ୍ପଟି ପ୍ରକାଶିତ ହୋଇଥିଲା । ପଣ୍ଡିତ ସପ୍ରେ ହିନ୍ଦୀ ସାହିତ୍ୟରେ ବିପ୍ଳବ ଆଣିଥିଲେ ଆଉ ଛତିଶଗଡ ରାଜ୍ୟରେ ସାମ୍ବାଦିକତାର ନିଅଁ ସ୍ଥାପନ କରିଥିଲେ । ତାଙ୍କ ଜନ୍ମ ଜୁନ ୧୯, ୧୮୭୧ ମଧ ପ୍ରଦେଶ ଦମା ଜିଲ୍ଲାର ପଥୁରିଆ ଗାଁରେ । କଲିକତା ବିଶ୍ୱବିଦ୍ୟାଳୟରୁ ସ୍ନାତକ ହେବା ପରେ ସପ୍ରେ ସ୍ଥିର କରିଥିଲେ ଯେ ତାଙ୍କ ଜୀବନକୁ ହିନ୍ଦୀ ସାହିତ୍ୟ ଏବଂ ବିଶ୍ୱର ଉନ୍ନତିରେ ଉତ୍ସର୍ଗ କରିଦେବେ । ରାମରାଓ ଛିଞ୍ଚାଳକରଙ୍କ ସହ ମିଶି ସେ 'ଛତିଶଗଡ଼ ମିତ୍ର' ଆରମ୍ଭ କଲେ । ପରବର୍ତ୍ତୀ ସମୟରେ ସେ ଆଉ ଗୋଟିଏ ପତ୍ରିକା ନାଗପୁରରୁ ପ୍ରକାଶ କରିଥିଲେ । ମେ ୧୯୦୬ରେ ଏ ପତ୍ରିକାରେ ତାଙ୍କର ଜାତୀୟତାବାଦୀ ଲେଖା ପାଇଁ ବ୍ରିଟିଶ ସରକାର ତାକୁ ବନ୍ଦ କରିଦେଇଥିଲେ । ଜାତୀୟତାବାଦୀ ଲେଖା ପାଇଁ ତାଙ୍କୁ ୧୯୦୮ରେ ଜେଲ ଦଣ୍ଡ ମିଳିଥିଲା । ସପ୍ରେ ଅନେକ ମରାଠୀ ଲେଖାକୁ ହିନ୍ଦୀରେ ଅନୁବାଦ କରିଥିଲେ । ଲୋକମାନ୍ୟ ବାଲ ଗଙ୍ଗାଧର ତିଲକଙ୍କ ମରାଠୀ ଭାଷାରେ ପ୍ରକାଶିତ 'କେଶରୀ' ସମ୍ବାଦପତ୍ରକୁ ଅନୁବାଦ କରି ସେ 'ହିନ୍ଦୀ କେଶରୀ' ପ୍ରକାଶ କରିଥିଲେ ଛତିଶଗଡ଼ରେ । ୧୯୨୬ ଏପ୍ରିଲ ୨୩ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା ।



## କରୋନା ଫେରୁଛି

ଗଣମାଧମରେ କରୋନା ଫେରୁଥିବାର ଖବର ମୋ ଭଳି ଅନେକଙ୍କୁ ଡରେଇ ଦେଇଛି । ଦୁଇ ବର୍ଷ ଧରି କରୋନାର ବହୁତ କଷଣ ସହିଥିଲୁ । ପୁଣି ! ତେଣୁ ଏବେଠୁ ଚାଲନ୍ତୁ ସାବଧାନ ହେବା । ବାହାରକୁ ବାହାରିଲେ ମୁଖ ପିନ୍ଧିବା । ବାହାରୁ ଘରକୁ ଆସିଲେ ହାତ ଧୋଇବା । ଭିଡ଼ ଭିତରେ ପଶିବା ନାହିଁ ।

## ରାମାୟଣ ମହାଭାରତ



ମୋ ବନ୍ଧୁ ନବଘନ କିଛିଦିନ ଓକିଲାତି ବି କରିଛି । ଦିନେ ଜଣେ ତାକୁ ପଚାରିଲେ, ରାମାୟଣ ମହାଭାରତରୁ ଆପଣ କ'ଣ ଶିଖିଲେ? ନବଘନ କହିଲା, ଦେଖ ବାବୁ ମହାଭାରତ ହେଲା ଜମିଜମା କେସ ଆଉ ରାମାୟଣ ଅପହରଣ ମାମଲା ।



# ଟୁଆଁ ଟୁଇଁ

**ନବେ ଦଶକ ଓ ତାଙ୍କ ପୂର୍ବରୁ ଜନ୍ମିତ ସମସ୍ତ ଶିଶୁଙ୍କର ପିଲାଦିନ ଆଇ ମାଆଙ୍କ ଠାରୁ କାହାଣୀ ଶୁଣିଶୁଣି କଟିଛି । ଏହି ସମୟରେ ବିଭିନ୍ନ ପ୍ରକାରର କାହାଣୀ ଓ ଗୀତ ଶୁଣିବାକୁ ମିଳିଥାଏ । ସେଥିରୁ ଗୋଟିଏ କାହାଣୀ ହେଲା ଟୁଆଁ ଟୁଇଁର ଗପ, ଯାହା ଖୁବ ପରିଚିତ ।**

ଧୀରେ ଧୀରେ ଆମ ପିଲାଦିନ ଯେପରି ହଜିଯାଉଛି । ଅନେକ ଆଇମାଆ କାହାଣୀ ଆଜି ଆଉ ଶୁଣିବାକୁ ମିଳୁନି । ସେହିଭଳି ଏକ କାହାଣୀ ହେଲା ଟୁଆଁ ଟୁଇଁ । ଯାହାକୁ ଶୁଣିବାକୁ ସେତେବେଳେ ନିଜ ଜେଜେ,ମା, ଆଈ ଓ ଅଜାଙ୍କ ପାଖରେ ନାତି ନାତୁଣୀମାନେ ଲାଇନ୍ ଲଗାଉଥିଲେ । ବେସ୍ ମଜାଦାର ଏହି କାହାଣୀ ଯାହା ଆମ ପିଲାଦିନକୁ ଖୁବ ରୋମାଞ୍ଚିତ କରିଥିଲା । ବର୍ତ୍ତମାନ କିଛି ଆନିମେସନ ଜରିଆରେ ଏହି କାହାଣୀକୁ ମନେ ରଖିବା ପାଇଁ ଚେଷ୍ଟା ମଧ୍ୟ କରାଯାଉଛି । ବିଭିନ୍ନ ଗପର ଆନିମସନ ଭିଡିଓ ସୋସିଆଲ ମିଡିଆରେ ଘୁରିବୁଲୁଛି । ଏଗୁଡିକ ଭଏସ୍ ଓଭର ଦିଆଯାଇ କାର୍ଟୁନ ମାଧ୍ୟରେ ପ୍ରସ୍ତୁତ କରାଯାଉଛି । ତେବେ ବର୍ତ୍ତମାନ ପିଲାଙ୍କ ପାଇଁ ଏହା କିନ୍ତୁ ନୂଆ କାହାଣୀ । ମୋବାଇଲ ଦୁନିଆରେ ସେହି ଆଈମାଆ କାହାଣୀ ଖୁବ କମ ପିଲା ଶୁଣିବାକୁ ପାଉଛନ୍ତି । ଆସନ୍ତୁ ମନେପକାଇବା ସେହି ଟୁଆଁ ଟୁଇଁ କହାଣୀକୁ ।

କାହାଣୀର ଆରମ୍ଭ ହୁଏ ଦୁଇଟି ଚରିତ୍ର ଯାହାଙ୍କର ନାଁ ଥାଏ ଟୁଆଁ ଓ ଟୁଇଁ । ଏମାନେ ସମ୍ପର୍କରେ ଭାଇ ଭଉଣୀ ହୋଇଥାଆନ୍ତି । ଉଭୟ ଦିନେ ଘରେ ଏକୁଟିଆ ଥାଆନ୍ତି, ସେମାନଙ୍କ ବାପା ବୋଉ ମାମୁଁ ଘରକୁ ଯାଇଥାଆନ୍ତି । ଏହି ସମୟରେ ଟୁଆଁ ଯିଏ କି ଭାଇ ତାର ପିଠା ଖାଇବାକୁ ବହୁତ ଇଚ୍ଛା ହୁଏ । ଭାଇର ପିଠା ଖାଇବାର ଇଚ୍ଛା ହେଉଥିବା ଦେଖି ଭଉଣୀ ଟୁଇଁ ପିଠା ପାଇଁ ଯୋଗାଡ ଆରମ୍ଭ କରିଥାଏ । ଉଭୟ ଚକୁଳି ପିଠା ଖାଇବା ପାଇଁ ଚାଉଳ, ବିରି ଯୋଗାଡ କରିବାପରେ ଜଣା ପଡେ ଘରେ କାଠ ନାହିଁ । ତେଣୁ ଭାଇ ଟୁଆଁ ବାହାରିପଡେ ଜଙ୍ଗଲକୁ କାଠ ଆଣିବାକୁ । ଏପଟେ ଟୁଇଁ ବିରି ଚାଉଳ ବାଟି ଟୁଆଁକୁ ଅପେକ୍ଷା କରି ବସିଥାଏ । ସେପଟେ ଜଙ୍ଗଲରେ ଟୁଆଁ କାଠ ସଂଗ୍ରହ କରି ଫେରିବା ସମୟରେ ବାଘମାମୁଁ ହାବୁଡରେ ପଡେ । ବାଘମାମୁଁ ଯେତେବେଳେ ଟୁଆଁକୁ ଧରି ମାରି ଖାଇବାକୁ ବାହାରେ ସେତେବେଳେ ଟୁଆଁ ତାକୁ ଅପେକ୍ଷା କରିବାକୁ କୁହେ । ସେ କୁହେ ଯଦି ବାଘମାମୁଁ ଟୁଆଁକୁ ଛାଡିଦବ ତେବେ ଟୁଆଁ ତାକୁ ଚକୁଳି ପିଠା ଖାଇବାକୁ ଦେବ । ଏହାଶୁଣି ବାଘ ମାମୁଁର ଚକୁଳି ପିଠା ଖାଇବାକୁ ଲୋଭ ଆସେ ତେଣୁ ସେ ଟୁଆଁକୁ ଛାଡିଦିଏ ଏବଂ ସନ୍ଧ୍ୟାବେଳେ ଯାଇ ତା ଘର ପାଖେ ପହଞ୍ଚିବ ବୋଲି ଚେତାବନି ଦିଏ । ଟୁଆଁ ଏହାପରେ ଖୁସି ମନରେ ଘରକୁ ଫେରେ । ଏହାପରେ ଉଭୟ ମିଶି ପିଠା ପ୍ରସ୍ତୁତ କରନ୍ତି । ଟୁଇଁ ପିଠା କରୁଥାଏ ଟୁଆଁ ଖାଉଥାଏ, ଟୁଆଁ ପିଠା କରୁଥାଏ ଟୁଇଁ ଖାଉଥାଏ । ଏପରି ଖାଇ ଖାଇ ସେମାନେ ସବୁ ପିଠା ଖାଇଦେଲେ । ତାପରେ ଟୁଆଁର ବାଘ ମାମୁଁ କଥା ମନେ ପଡିଲା । ସେ ଟୁଇଁକୁ ସବୁ କଥା କହିଲା । ଏହାପରେ ସେମାନେ ଏକ ଉପାୟ ବାହାର କରି ଗୋବର, ଗୋଡି ମିଶାଇ କିଛି ପିଠା ପ୍ରସ୍ତୁତ କଲେ । ଏହାପରେ ବଳକା ଗୋଟିଏ ଭଲ ପିଠାକୁ ଉପରେ ରଖି ତଳେ ସେହି ଗୋବର ପିଠାକୁ ରଖିଦେଲେ । ଏହାସହ ପାଖରେ ଏକ ମାଠିଆରେ ଲଙ୍କାଗୁଣ୍ଡ ମିଶା ପାଣି ମଧ୍ୟ ରଖିଦେଲେ । ବାଘ ରାତିରେ ଆସି ଭଲ ପିଠା ଖାଇବା ପରେ ଗୋଡି ପିଠା ଖାଇ ତାର ଦାନ୍ତ ଭାଙ୍ଗି ଗଲା । ଏହାପରେ ସେ ପାଣି ବଦଳରେ ସେ ଲଙ୍କା ପାଣି ପିଇ ରାଗିଗଲା । ତାପରେ ସେ ରାଗି ଉଭୟଙ୍କୁ ଖୋଜିଲା । ଗୋଟିଏ ମାଠିଆରେ ଉଭୟ ଲୁଚିଥିବା ଜାଣି ସେ ମାଠିଆକୁ ଧରି ବାଘ ଜଙ୍ଗଲ ମଧ୍ୟକୁ ଦୌଡିଲା । ବାଟରେ ଟୁଇଁକୁ ପାଡ ଲାଗିଲା, ସେ ଧୀରେ କରି ପାଡିଲା । ହେଲେ ପରେ ଟୁଆଁକୁ ପାଡ ଲାଗିଲା, କିନ୍ତୁ ଟୁଆଁ ବହୁତ ଜୋରରେ ପାଡି ଦେଲା । ଏହାପରେ ବାଘ ମାମୁଁ ଭାବିଲା ଘଡଘଡି ମାରିଲା । ସେ ଡରି ଯାଇ ମାଠିଆକୁ ସେଠାରେ ଫୋପାଡି ଜଙ୍ଗଲ ଭିତରକୁ ପଳାଇଲା । ଉଭୟ ଟୁଆଁ ଟୁଇଁ ସେମାନଙ୍କ ଘରକୁ ଫେରି ଆସିଲେ ।





# ପ୍ରାକୃତିକ ଉପାୟରେ କୀଟନାଶକ

କୃଷକଙ୍କର ଏକ ସମସ୍ୟା ହୋଇଥାଏ ନିଜ ଫସଲକୁ ପୋକ ଦାଉରୁ ରକ୍ଷା କରିବା । ଯେଉଁଥିପାଇଁ ତାଙ୍କୁ ଅନେକ ପରିଶ୍ରମ କରିବାକୁ ପଡିଥାଏ । ତେବେ ବର୍ତ୍ତମାନ ବହୂଳମାତ୍ରାରେ ବ୍ୟବହାର ହେଉଥିବା କୀଟନାଶକ ସେତେବେଳେ ନଥିଲା । ତେବେ ସେତେବେଳେ ସେମାନେ ବିଭିନ୍ନ ପ୍ରକାରର ଘରୋଇ ସାମଗ୍ରୀ ବ୍ୟବହାର କରି ନିଜ ଫସଲକୁ ପୋକ ଦାଉରୁ ରକ୍ଷା କରୁଥିଲେ । ଆସନ୍ତୁ ସେହିଭଳି କିଛି ପ୍ରାକୃତିକ ସାମଗ୍ରୀ ବିଷୟରେ ଜାଣିବା ।

## ନିମ

ପ୍ରତ୍ୟେକ ଭାରତୀୟଙ୍କ ଘରେ ନିମ ପତ୍ର ବ୍ୟବହାର ଖୁବ ଅଧିକ ଥାଏ । ଖାଇବା ଠାରୁ ଆରମ୍ଭ କରି ଘରେ କୌଣସି ଶସ୍ୟ ସାଇତି ରଖିବା ପାଇଁ ଏହାକୁ ବ୍ୟବହାର କରାଯାଏ । ଘରେ ଯେତେବେଳେ ଚାଉଳ, ବିରି, ମୁଗ ଭଳି ଶସ୍ୟକୁ ରଖାଯାଏ, ସେଥିରେ ଏହି ପତ୍ରକୁ ପକାଯାଇଥାଏ ଯାହାଫଳରେ ଏଥିରେ ପୋକ ଲାଗିବ ନାହିଁ । କେବେଳ ଏତିକି ନୁହେଁ ବିଭିନ୍ନ ରୋଗରୁ ଯେପରି ବିଶେଷଭାବେ ଚର୍ମ ସଂକ୍ରମଣକୁ ଭଲ କରିବାରେ ଏହା ସାହାଯ୍ୟ କରିଥାଏ । ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ ଓ ଆଣ୍ଟିଫଙ୍ଗାଲ ଗୁଣ ବିଭିନ୍ନ ପ୍ରକାର ସମସ୍ୟାକୁ ଦୂର କରିଥାଏ । ତେଣୁ ଏହି ପ୍ରାକୃତିକ ଉପାୟକୁ ବର୍ତ୍ତମାନ ମଧ୍ୟ ବ୍ୟବହାର କରିହେବ ।

**ଆଗକାଳରେ କୃଷିରେ ବର୍ତ୍ତମାନଭଳି ଏତେମାତ୍ରାରେ କୀଟନାଶକ ବ୍ୟବହାର ହେଉନଥିଲା । ସେତେବେଳେ କୃଷକମାନେ ବିଭିନ୍ନ ପ୍ରକାରର ପ୍ରାକୃତିକ ଉପାୟ ବ୍ୟବହାର କରି ଗଛପତ୍ରଙ୍କୁ ପୋକ ଦାଉରୁ ରକ୍ଷା କରୁଥିଲେ ।**

## ପାଉଁଶ

ଆଗରୁ ବାସନ ମାଜିବା ପାଇଁ ସାବୁନ ବଦଳରେ ପାଉଁଶ ବ୍ୟବହାର କରାଯାଏ । ତେବେ ଏହି ପାଉଁଶକୁ ଆଗ କାଳରେ ଗଛ ମାନଙ୍କ ପାଖରୁ ପୋକ ଦୂର କରିବାପାଇଁ ବ୍ୟବହାର କରାଯାଇଥାଏ । ସେହିଭଳି ଏହାକୁ ପକାଇବା ଫଳରେ ପିମ୍ପୁଡି ହୋଇ ନଥାଆନ୍ତି । ସେହିଭଳି ଘରେ ବିଭିନ୍ନ କାର୍ଯ୍ୟପାଇଁ ମଧ ଏହାକୁ ବ୍ୟବହାର ହୋଇଥାଏ । ଏହାକୁ ବ୍ୟବହାର କରି ବାସନ ସଫା ମଧ କରିହେବ । ଏହାକୁ କୃଷକମାନେ ବିଲରେ ବିଭିନ୍ନ ଉପାୟରେ ବ୍ୟବହାର କରନ୍ତି ।

## ଚାଷ ବଦଳାଇବା

ପୁରୁଣା ସମୟରେ କୃଷକମାନେ ନିଜର ଚାଷକୁ ବଦଳାଉଥିଲେ, କାରଣ ଏହି ଗଛ ବଦଳାଇବା ଫଳରେ ମାଟିର ଉର୍ବରତା ରହିବା ସହିତ ମାଟିରେ ଆଉ ପୋକ ବଢି ପାରିବେ ନାହିଁ । ଗୋଟିଏ ପ୍ରକାରର ଚାଷ କରିବା ଫଳରେ ମାଟିରେ ଗୋଟିଏ ପ୍ରକାରର ପୋକ ରହିବାର ସମ୍ଭାବନା ବଢିଥାଏ, ଯାହା ଗଛ ବଦଳାଇବା ଫଳରେ ସମ୍ଭାବନା କମିଥାଏ ।

## କଣ୍ଟ୍ରୋଲ୍‌ଡ ବର୍ଣ୍ଣିଂ

ଆଗକାଳର କୃଷକମାନେ ପ୍ରଥମେ ଗଛ କାଟିବା ପରେ ଏହାକୁ ବିଲରେ ପକାଇ ଜଳାଇଦେଇଥାଆନ୍ତି । ଏହାଦ୍ୱାରା ମାଟିର ଉର୍ବରତା





ବଢିବା ସହିତ ମାଟରେ ଥିବା ପୋକ ମଧ ମରିଥାଆନ୍ତି, ଯାହା ଏହାକୁ ଚାଷ ପାଇଁ ପ୍ରସ୍ତୁତ କରିଥାଏ ।

## ପ୍ରାକୃତିକ ସାରର ପ୍ରୟୋଗ

ସବୁଠାରୁ ବଡ ପ୍ରକ୍ରିୟା ହୋଇଥାଏ ମାଟିରେ ପ୍ରାକୃତିକ ସାର ବ୍ୟବହାର କରିବା । ଆଗକାଳରେ କୃଷକମାନେ ଜମିରେ ଗୋବର ଖତରୁ ପ୍ରସ୍ତୁତ ସାର ବ୍ୟବହାର କରୁଥିଲେ, ଯାହା ମାଟିର ଉର୍ବରତାକୁ ବଢାଇବା ସହିତ ଜମିକୁ ବିଭିନ୍ନ ପୋକ ଦାଉରୁ ମଧ ରକ୍ଷା କରିଥାଏ । ଏବେ ମଧ ଏଗୁଡିକୁ ବ୍ୟବହାର କରି ଆମେ ଉନ୍ନତମାନର ଫସଲ କରିପାରିବା ।





# ଚମକିଲେ ସୂର୍ଯ୍ୟବଂଶୀଙ୍କ ସାଙ୍ଗ

ଚର୍ଚ୍ଚାରେ ୧୩ ବର୍ଷୀୟ ଆୟନ ରାଜ । ସେ ମାତ୍ର ୧୩୪ ବଲରେ ବିସ୍ଫୋରକ ୩୨୭ ରନର ଇନିଂସ ଖେଳିଛନ୍ତି । ଆୟନ ହେଉଛନ୍ତି ଆଇପିଏଲର ଯୁବ ତାରକା ବୈଭବ ସୂର୍ଯ୍ୟବଂଶୀଙ୍କ ଘନିଷ୍ଠ ବନ୍ଧୁ । ନିଜର ବ୍ୟାଟିଂ ପାଇଁ ଆଇପିଏଲ ବେଳେ ବେଶ ଚର୍ଚ୍ଚାରେ ରହିଥିଲେ ସୂର୍ଯ୍ୟବଂଶୀ । ଏବେ ଆୟନ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛନ୍ତି । ସୂର୍ଯ୍ୟବଂଶୀଙ୍କ ଭଳି ଆୟନ ମଧ୍ୟ ବିହାରର ପିଲା ।

ବିହାରର ମୁଜାଫରପୁରରେ ଆୟୋଜିତ ଗୋଟିଏ ଜିଲ୍ଲା ସ୍ତରୀୟ ମ୍ୟାଚରେ ଆୟନ ୩୨୭ ରନର ଇନିଂସ ଖେଳିଛନ୍ତି । ସଂସ୍କୃତ କ୍ରିକେଟ ଏକାଡେମୀ ପକ୍ଷରୁ ଖେଳୁଥିବା ଆୟନ ୩୦ ଓଭର ବିଶିଷ୍ଟ ମ୍ୟାଚରେ ଏପରି କୀର୍ତ୍ତିମାନ ହାସଲ କରିଛନ୍ତି । ତାଙ୍କ ବ୍ୟାଟରୁ ୪୧ଟି ଚୌକା ଓ ୨୨ଟି



ଛକା ଦେଖିବାକୁ ମିଳିଥିଲା । ଏହାର ଅର୍ଥ ୩୨୭ ରନରୁ ସେ ୨୯୬ ରନ କେବଳ ବାଉଣ୍ଡରୀରୁ ହାସଲ କରିଛନ୍ତି । ଆୟନ ରାଜଙ୍କ ବ୍ୟାଟିଂକୁ ସମସ୍ତେ ପ୍ରଶଂସା କରିଛନ୍ତି । କାରଣ ସେ ୨୨୦.୮୯ ଷ୍ଟ୍ରାଇକରେ ଏତେ ବଡ଼ ଇନିଂସ ଖେଳିଛନ୍ତି । ପୂରା ମ୍ୟାଚରେ ଆୟନ ରାଜଙ୍କ ଦବଦବା ଦେଖିବାକୁ ମିଳିଛି । ବିହାରରେ ସେ ଆଉ ଜଣେ ଷ୍ଟାର ଭାବେ ସାମ୍ନାକୁ ଆସିଛନ୍ତି । ଆୟନ ଏହି ବଡ଼ ଇନିଂସ ପରେ ସୂର୍ଯ୍ୟବଂଶୀଙ୍କ ସହ ତାଙ୍କର ବନ୍ଧୁତା ସମ୍ପର୍କରେ ସମସ୍ତଙ୍କୁ ଜଣାଇଛନ୍ତି ।

ସେ କହିଛନ୍ତି, ମୁଁ ଯେତେବେଳେ ବି ବୈଭବ ଭାଇଙ୍କ ସହ କଥା ହୁଏ ସେତେବେଳେ ମୋ ଭିତରେ ସ୍ୱତନ୍ତ୍ର ଅନୁଭବ ଆସେ । ଆମେ ଏକାଠି ଖେଳୁଥିଲୁ । ସେ ନିଜର ନାଁ ପୂରା ଦେଶରେ କରିପାରିଛନ୍ତି । ମୁଁ ମଧ୍ୟ ତାଙ୍କ ପଥକୁ ଅନୁସରଣ କରୁଛି ।

# ତଣ୍ଡ ଗଣିବ ବିସିସିଆଇ

ବିଶ୍ୱର ସବୁଠୁ ଧନୀ କ୍ରିକେଟ ସଂଘ ବିସିସିଆଇର ମନମୁଖୀକୁ ଚେକ୍ ଦେଇଛନ୍ତି କୋଟ । କାରଣ ୧୧ ବର୍ଷ ତଳର ଏକ ମାମଲାରେ ବିସିସିଆଇକୁ ଲାଗିଛି ଛାଟ । ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ବମ୍ବେ ହାଇକୋର୍ଟ ନିଷ୍କ୍ରିୟ ଆଇପିଏଲ ଦଳ କୋଚି ଟସ୍କର୍ସ କେରଳକୁ ୫୩୮ କୋଟି ଟଙ୍କା ପରିଶୋଧ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବମ୍ବେ ହାଇକୋର୍ଟ ପୂର୍ବତନ ଆଇପିଏଲ ଦଳ କୋଚି ସପକ୍ଷରେ ରାୟ ଦେଇ ବିସିସିଆଇକୁ ୨୦୧୫ ମସିହାରେ ଆର୍ବିଟ୍ରେସନ ଟ୍ରିବ୍ୟୁନାଲ ଦ୍ୱାରା ପ୍ରଦତ୍ତ ଅର୍ଥ ପରିଶୋଧ କରିବାକୁ କଡା ନିର୍ଦ୍ଦେଶ ଦେଇଛନ୍ତି । ଏବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ମୋଟା ଅଙ୍କର ତଣ୍ଡ ଗଣିବାକୁ ଯାଉଛି ।

ବିସିସିଆଇ ଦ୍ୱାରା ଚୁକ୍ତି ଉଲ୍ଲଂଘନ କରାଯାଇ ଚୁକ୍ତି ରଦ୍ଦ କରିବାର ଏକ ଦଶନ୍ଧିରୁ ଅଧିକ ସମୟ ପରେ ରାୟ ଆସିଛି । ଜଷ୍ଟିସ ଆରଆଇ ଚଗଲା ବିସିସିଆଇର ଆର୍ବିଟ୍ରାଲ ଆୱାର୍ଡକୁ ଚ୍ୟାଲେଞ୍ଜ କରୁଥିବା ଆବେଦନକୁ ଖାରଜ କରିଥିଲେ । ଆର୍ବିଟ୍ରେସନ ଓ ସମାଧାନ ଆଇନର ଧାରା ୩୪ ଅନୁଯାୟୀ ବିଚାରବିଭାଗୀୟ ହସ୍ତକ୍ଷେପର ସୀମିତ ପରିସରକୁ ପୁନଃ ନିଶ୍ଚିତ କରିଥିଲେ । ଏକକ ବିଚାରପତି ବେଞ୍ଚ ରାୟ ଦେଇଛନ୍ତି ଯେ ଆଫିଲେଟ ବଡ଼ି ଭାବେ କାର୍ଯ୍ୟ କରିପାରିବ ନାହିଁ ।

କୋଚି ଟସ୍କର୍ସ କେରଳ ଆଇପିଏଲ ଫ୍ରାଞ୍ଚାଇଜି, ଯାହା ପ୍ରାରମ୍ଭରେ ରେଣ୍ଡେଭୁସ ସ୍ପୋର୍ଟ୍ସ ୱାର୍ଲ୍ଡ ନେତୃତ୍ୱାଧୀନ ଏକ କନସୋର୍ଟିୟମକୁ ପ୍ରଦାନ





କରାଯାଇଥିଲା । ପରେ କୋଚି କ୍ରିକେଟ ପ୍ରାଇଭେଟ ଲିମିଟେଡ (କେସିପିଏଲ) ଦ୍ୱାରା ପରିଚାଳିତ ହୋଇଥିଲା । ଏହି ଦଳ ୨୦୧୧ରେ ଆଇପିଏଲ ଲିଗରେ ଅଂଶଗ୍ରହଣ କରିଥିଲା । ପରେ, ୨୦୧୧ ସେପ୍ଟେମ୍ବରରେ ଭାରତୀୟ କ୍ରିକେଟ ବୋର୍ଡ ଦଳର ମାଲିକମାନଙ୍କ ମଧ୍ୟରେ ଆଭ୍ୟନ୍ତରୀଣ ସଂଘର୍ଷ ଯୋଗୁଁ ୧୦ ପ୍ରତିଶତ ବ୍ୟାଙ୍କ ଗ୍ୟାରେଣ୍ଟି ପ୍ରଦାନ କରିବାରେ ବିଫଳତା ଅଭିଯୋଗରେ ଚୁକ୍ତି ରଦ୍ଦ କରିଦେଇଥିଲା । କେସିପିଏଲ କିନ୍ତୁ ଏହି ଅଭିଯୋଗକୁ ଖଣ୍ଡନ କରି କହିଥିଲେ ଯେ ଗ୍ୟାରେଣ୍ଟି ପ୍ରଦାନ ନକରିବା ପଛରେ ଆଭ୍ୟନ୍ତରୀଣ ସଂଘର୍ଷ ନୁହେଁ, ବରଂ ଷ୍ଟାଡିୟମ ସମସ୍ୟା ଏବଂ ଆଇପିଏଲ ମ୍ୟାଚ ସଂଖ୍ୟା ହ୍ରାସ ଭଳି ଅମୀମାଂସିତ ବିଷୟଗୁଡ଼ିକ ଥିଲା । ବିସିସିଆଇ, ଏହି ସମସ୍ୟା ସତ୍ତ୍ୱେ , ଦଳ ସହିତ ବହୁବାର ପେମେଣ୍ଟ ଗ୍ରହଣ କରି ଜଡ଼ିତ ରହିଥିଲା, କିନ୍ତୁ ପରେ ଚୁକ୍ତି ରଦ୍ଦ କରିଦେଇଥିଲା ।

ବର୍ଷକ ପରେ ୨୦୧୨ରେ, କେସିପିଏଲ ଓ ଆରଏସଡବ୍ଲ୍ୟୁ ଆର୍ବିଟ୍ରେସନ ପ୍ରକ୍ରିୟା ଆରମ୍ଭ କରିଥିଲେ । ୨୦୧୫ରେ ଟ୍ରିବ୍ୟୁନାଲ ତାଙ୍କ ପକ୍ଷରେ ରାୟ ଦେଇଥିଲା । ଯାହା ଏକ ବଡ଼ ଆଶ୍ୱାସନା ଭାବେ ଆସିଥିଲା । ଟ୍ରିବ୍ୟୁନାଲ କେସିପିଏଲକୁ ଲାଭର କ୍ଷତି ପାଇଁ ୩୮୪ କୋଟି ଟଙ୍କା ଏବଂ ଆରଏସଡବ୍ଲ୍ୟୁକୁ ବ୍ୟାଙ୍କ ଗ୍ୟାରେଣ୍ଟିର ଅନୁଚିତ ଏନକ୍ୟାଶମେଣ୍ଟ ପାଇଁ ୧୫୩ କୋଟି ଟଙ୍କା ପ୍ରଦାନ କରିଥିଲା । ମୋଟ ରାଶି ୫୩୮ କୋଟି ଟଙ୍କାରୁ ଅଧିକ ହୋଇଥିଲା । କୋର୍ଟଙ୍କ ଏହି ଛାଟ ପରେ ବିସିସିଆଇ ପକ୍ଷରୁ ରାୟକୁ ସୁପ୍ରିମ କୋର୍ଟରେ ଚ୍ୟାଲେଞ୍ଜ କରାଯିବାର ସମ୍ଭାବନା ରହିଛି ।

# ଗମ୍ଭୀରଙ୍କୁ କ୍ରୋଧ ନିୟନ୍ତ୍ରଣ ପରାମର୍ଶ

ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର କ୍ଷଣ କୋପି । ଟୁବ ଶୀଘ୍ର ରାଗି ଯାଆନ୍ତି । ଏଭଳି କ୍ରୋଧରେ ଗମ୍ଭୀରଙ୍କୁ ସଞ୍ଜମତା ଅବଲମ୍ବନ କରିବାକୁ ପଡିବ । ଗମ୍ଭୀର କ୍ରିକେଟରଙ୍କୁ ବୁଝିବା ଜ୍ଞାନ ଏବଂ ଏଥିନେଇ ଅସରଦାର ରଣନୀତି ପ୍ରସ୍ତୁତ କରିବା ଦକ୍ଷତାକୁ ପୂର୍ବତନ ଭାରତୀୟ ୱିକେଟ୍ ରକ୍ଷକ



ଦୀନେଶ କାର୍ତ୍ତିକ ପ୍ରଶଂସା କରିଛନ୍ତି । ହେଲେ ଗମ୍ଭୀରଙ୍କ ଆକ୍ରମଣାତ୍ମକ ଆଭିମୁଖ୍ୟ ଏବଂ ଖେଳାଳି ପରିଚାଳନା ଶୈଳୀକୁ ନେଇ ସଂଶୟ ଥିବା କହିଛନ୍ତି । ନିଜ ସ୍ୱଭାବରେ କିଛିଟା ପରିବର୍ତ୍ତନ କରିବାକୁ ଗମ୍ଭୀରଙ୍କୁ ପରାମର୍ଶ ନେଇଛନ୍ତି କାର୍ତ୍ତୀକ । ଏକ ସାକ୍ଷାତକାରରେ କାର୍ତ୍ତିକ କହିଥିଲେ, ରଣନୈତିକ ଦୃଷ୍ଟିରୁ ଗୋଉତି ଜଣେ ବହୁତ ଭଲ ପ୍ରଶିକ୍ଷକ । ଖେଳାଳି ପରିଚାଳନା ଏମିତି ଏକ ଦିଗ ଯେଉଁଥିରେ ସେ ନିଶ୍ଚିତ ଭାବେ ଆହୁରି ଉନ୍ନତି ଆଣିବାକୁ ଚାହୁଥିବେ । ଗୋଟିଏ କଥା କିନ୍ତୁ ମାନିବାକୁ ପଡ଼ିବ ଯେ ଗୋଉତି ସବୁବେଳେ ଖେଳାଳିଙ୍କ ହିତକୁ ଅଗ୍ରାଧିକାର ଦେଇଥାନ୍ତି । ତେବେ ଖେଳାଳି ଭାବେ ସେ ଯେଉଁ ଅଭିମୁଖ୍ୟ ପ୍ରଦର୍ଶନ କରୁଥିଲେ ପ୍ରଶିକ୍ଷକ ଭାବେ ଏଥିରେ ସାମାନ୍ୟ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି । ଅର୍ଥାତ୍ ଗୋଉତିଙ୍କୁ ଅଧିକ ଦାୟିତ୍ୱବାନ ହୋଇ ସମୟର ଆବଶ୍ୟକତା ଅନୁସାରେ ନିଜକୁ ବଦଳାଇବାକୁ ପଡ଼ିବ । ଏହା ଅନ୍ତତଃ ଭାରତୀୟ କ୍ରିକେଟ୍ ପାଇଁ ଭଲ ଫଳ ଆଣିବ ।




# ଚର୍ଚ୍ଚାରେ ରାଘଭେନ୍ଦ୍ର

ଉମ୍ରାନ ମଲିକ ଓ ମୟଙ୍କ ଯାଦବଙ୍କ ପରେ ଏବେ ଜଣେ ୧୭ ବର୍ଷୀୟ ଯୁବ ପେସ ବୋଲର ଚର୍ଚ୍ଚାର କାରଣ ସାଜିଛନ୍ତି । ବିସିସିଆଇ ସେଣ୍ଟର ଏକ୍ସଲେନ୍ସରେ ଏହି ବୋଲର ଜଣଙ୍କ ୧୪୭.୩ କିଲୋମିଟର ବେଗରେ ବୋଲିଂ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରି ଦେଇଛନ୍ତି । ଏହି ବୋଲର ଜଣକ ହେଲେ ଆରଡି ପ୍ରଣବ ରାଘଭେନ୍ଦ୍ର । ଗୋଟିଏ କିମ୍ବା ଦୁଇଟି ନୁହେଁ ସେ କ୍ରମାଗତ ଭାବେ ୧୪୫ରୁ କିମିରୁ ଊର୍ଦ୍ଧ୍ୱ ବେଗରେ ବୋଲିଂ କରୁଛନ୍ତି । ଯଦି ଏ ଭଳି ବୋଲିଂ ସେ ଜାରୀ ରଖିବେ ତେବେ ଶୋଏବ ଅଖତରଙ୍କ



ରେକର୍ଡ ଭାଙ୍ଗିବା ଅସମ୍ଭବ ନୁହେଁ ବୋଲି କୁହାଯାଉଛି । ୧୯ ବର୍ଷରୁ କମ ବୟସରେ ସେ ପ୍ରଥମ ଭାରତୀୟ ଭାବେ ଏହି ସଫଳତା ହାସଲ କରିଛନ୍ତି ।

ସେ ବେଗ ଅପେକ୍ଷା ଠିକ ଲାଇନ ଲେନ୍ଥରେ ବୋଲିଂ କରିବା ପାଇଁ କଠିନ ଅଭ୍ୟାସ କରୁଛି । ବ୍ୟାଟ୍ସମ୍ୟାନଙ୍କୁ ହଇରାଣ କରିବା ତାଙ୍କୁ ଭଲ ଲାଗେ । ଏବେ ସେ ୧୯ ବର୍ଷରୁ କମ ବିଶ୍ୱକପ ପାଇଁ ପ୍ରସ୍ତୁତି କରୁଛନ୍ତି । ଭଲ ପ୍ରଦର୍ଶନ ସହ ଭାରତୀୟ ଟିମରେ ସ୍ଥାନ ପାଇବା ପାଇଁ ସେ ଉଦ୍ୟମ କରୁଛନ୍ତି । ସେ ତାଙ୍କ ଫିଟନେସ ପାଇଁ ବିଶେଷ ଧ୍ୟାନ ଦେଉଛନ୍ତି ।



# ବିମାନ ଦୁର୍ଘଟଣାରେ ଚାଲିଗଲା ଜୀବନ

ଅହମଦାବାଦରୁ ଲଣ୍ଡନ ଅଭିମୁଖେ ଯାତ୍ରା କରୁଥିବା ଏୟାରଇଣ୍ଡିଆ ଦୁର୍ଘଟଣାରେ ଜଣେ କ୍ରିକେଟରଙ୍କ ଜୀବନ ଚାଲିଯାଇଛି । ମୃତ କ୍ରିକେଟରଙ୍କ ନାମ ଦୀର୍ଘ ପଟେଲ । ଦୀର୍ଘ ଇଂଲଣ୍ଡର ଲିଡ୍ସ ମଡର୍ନିଆନ୍ସ କ୍ରିକେଟ୍ କ୍ଲବ ପକ୍ଷରୁ ଖେଳିଆସୁଥିଲେ ।

ଗୁଜୁରାଟରେ ବସବାସ କରୁଥିବା ୨୩ବର୍ଷୀୟ କ୍ରିକେଟ ଖେଳାଳି ଦୀର୍ଘ ପଟେଲ ହଡର୍ସଫିଲ୍ଡ ବିଶ୍ୱବିଦ୍ୟାଳୟରୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସରେ ସ୍ନାତକୋତ୍ତର ସମାପ୍ତ କରିଛନ୍ତି । ସେ ଖୁବଶୀଘ୍ର ଟେକ ଇଣ୍ଡଷ୍ଟ୍ରିରେ କ୍ୟାରିୟର ଆରମ୍ଭ କରିବାର ଯୋଜନା ରଖିଥିଲେ । ଦୀର୍ଘ ପଟେଲ ଏୟାର ଇଣ୍ଡିଆ ବିମାନ ସଂଖ୍ୟା ଏଆଇ ୧୭୧ରେ ଯାତ୍ରା କରୁଥିବା ସେହି ୨୪୨ଜଣଙ୍କ ଯାତ୍ରୀଙ୍କ ମଧ୍ୟରୁ ଜଣେ ଥିଲେ । ଯିଏକି ଲଣ୍ଡନ ଅଭିମୁଖେ ଯାତ୍ରା କରୁଥିଲେ । ଦୁଃଖର ବିଷୟ ବିମାନରେ ବସିଥିବା ୨୪୨ଜଣ ଯାତ୍ରୀଙ୍କ ମଧ୍ୟରୁ ୨୪୧ଜଣଙ୍କ ବିମାନ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ବେଳେ ଜଣେ ମାତ୍ର ବ୍ରିଟିଶ ନାଗରିକ ବିଶ୍ୱାସ କୁମାର ରମେଶଙ୍କ ସୌଭାଗ୍ୟବଶତଃ ଜୀବନ ରକ୍ଷା ପାଇଯାଇଛି । ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି । ଦୀର୍ଘଙ୍କ ବିୟୋଗରେ ସମଗ୍ର କ୍ରିକେଟ ଜଗତ ପକ୍ଷରୁ ଶୋକ ବ୍ୟକ୍ତ କରାଯାଇଥିଲା ।



**ଶିବାଙ୍ଗୀ ଯୋଶୀ ବର୍ତ୍ତମାନ ନିଜ ବ୍ରେକଅପ୍‌କୁ ନେଇ ଖୁବ ଚର୍ଚ୍ଚାରେ ରହିଛନ୍ତି । ଖୁବ କମ ବୟସରେ ଟେଲି ଦୁନିଆର ଆଗ ଧାଡିର ନାୟିକା ପାଲଟିଥିବା ଶିବାଙ୍ଗୀ ନିଜଠାରୁ ଖୁବ ବଡ଼ ଷ୍ଟାରଙ୍କୁ ଡେଟ୍ କରି ଅନେକ ଦିନ ଚର୍ଚ୍ଚାରେ ଥିଲେ ।**

# ବ୍ରେକଅପକୁ ନେଇ ଚର୍ଚ୍ଚାରେ



ଟେଲି ନାୟିକା ଶିବାଙ୍ଗୀ ଓ କୁଶାଲ ଟଣ୍ଡନଙ୍କ ପ୍ରେମ ସମ୍ପର୍କ କାହାକୁ ଅଛପା ନଥିଲା । ଉଭୟ ଗତ ଦୁଇବର୍ଷ ଧରି ରିଲେସନ୍‌ସିପ୍‌ରେ ଥିଲେ । ହେଲେ ନିକଟରେ ହେଉଥିବା ଚର୍ଚ୍ଚା ଅନୁଯାୟୀ ଉଭୟଙ୍କ ଭିତରେ ବ୍ରେକଅପ ହୋଇଛି । ଉଭୟଙ୍କ ବୟସ ନେଇ ଅନେକ ସମୟରେ ଚର୍ଚ୍ଚା ହୋଇଥାଏ । କୁଶାଲ ଶିବାଙ୍ଗୀଙ୍କ ଠାରୁ ବୟସରେ ଖୁବ ଅଧିକ ବଡ । ତେବେ ଉଭୟଙ୍କ ଭିତରେ ବ୍ରେକଅପ୍ ହୋଇଥିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି । ଶୁଭାଙ୍ଗୀ ୨୦୧୩ରେ ନିଜର ଟେଲିଭିଜନ ଡେବ୍ୟୁ କରିଥିଲେ । ଏହି ବର୍ଷ ସେ ଖେଲତି ହେ ଜିନ୍ଦେଗୀ ଆଖ୍‌ମେ ଚୋଲିରେ ଡେବ୍ୟୁ କରିଥିଲେ । ଏହାପରେ ତାଙ୍କୁ ଗୋଟିଏ ଗୋଟିଏ ହିଟ୍ ସିରିଏଲରେ ଦେଖିବାକୁ ମିଳିଥିଲା । ନିଜର ନିଖୁଣ ଅଭିନୟ କାରଣରୁ ସମସ୍ତଙ୍କର ଖୁବ ପ୍ରିୟ ଅଭିନେତ୍ରୀ ପାଲଟିଥିଲେ । ତାଙ୍କୁ ଅନେକ ଟିଭି ଶୋ ଯେପରି ବେଗୁସରାଇ, ୟେ ହେ ଆସକି, ପ୍ୟାର ତୁନେ କ୍ୟା କିଆ, ବାଲିକା ବଧୂ ୨ ଆଦିରେ ଦେଖିବାକୁ ମିଳିଥିଲା । ତେବେ ତାଙ୍କ ଧାରାବାହିକ ୟେ ରିସ୍ତା କ୍ୟା କେହଲାତା ହେ ପାଇଁ ସେ ଖୁବ ଅଧିକ ଚର୍ଚ୍ଚା ସାଉଁଟିଥିଲେ । ଏହାର ନାଏରା ଚରିତ୍ର ତାଙ୍କୁ ଖୁବ ଲାଇମ୍ ଲାଇଟ୍ ଦେଇଥିଲା । ସେ ଏହି ଚରିତ୍ରଟି ତାଙ୍କୁ ଘରେଘରେ ପରିଚିତ କରାଇଥିଲା । କେବଳ ଧାରାବାହିକ ନୁହେଁ ତାଙ୍କୁ ୱେବ୍ ସିରିଜ୍ ଓ ରିଆଲିଟି ଶୋରେ ମଧ୍ୟ ଦେଖିବାକୁ ମିଳିଥିଲା । ଏହି ସବୁରେ ତାଙ୍କ ଚରିତ୍ର ପାଇଁ ସେ ଖୁବ ପ୍ରଶଂସା ସାଉଁଟିଥିବା ଦେଖିବାକୁ ମିଳିଲା । ତାଙ୍କର ନିଖୁଣ ଅଭିନୟ ପାଇଁ  ତାଙ୍କୁ ଅନେକ ପୁରସ୍କାରରେ ମଧ୍ୟ ସମ୍ମାନିତ କରାଯାଇଛି । ପ୍ରତିବର୍ଷ ତାଙ୍କର ଅନେକ ସିରିଏଲ୍ ଗୁଡିକ ବିଭିନ୍ନ ପୁରସ୍କାର ଦୌଡରେ ନୋମିନେସନ ହେଉଥିବାର ଦେଖିବାକୁ ମିଳିଥାଏ । ପୁନେରେ ଜନ୍ମିତ ଶୁଭାଙ୍ଗୀ ଖୁବ ଛୋଟ ଦିନୁ ଅଭିନୟ କରିବା ଆରମ୍ଭ କରିଥିଲେ । ତେବେ ତାଙ୍କର କେହି ଗଡ ଫାଦର ନଥିବାରୁ ତାଙ୍କୁ ଖୁବ ପରିଶ୍ରମ କରିବାକୁ ପଡିଥିଲା । ଅନେକ ଅଡିସନ ଦେବା ପରେ ତାଙ୍କୁ ଧାରାବାହିକରେ ଅଭିନୟ କରିବାର ସୁଯୋଗ ମିଳିଥିଲା, ଯାହାପରେ ଆଉ ପଛକୁ ଫେରି ଚାହିଁ ନାହାନ୍ତି ଶୁଭାଙ୍ଗୀ । ସେ ଖାଲି ଭଲ ଅଭିନୟ କରନ୍ତି ତାହା ନୁହେଁ ସେ ଜଣେ ଭଲ କଥକ ନୃତ୍ୟଶିଳ୍ପୀ ମଧ୍ୟ । ବିଶେଷଭାବେ ସେ ଏହି ନୃତ୍ୟର ପ୍ରଶିକ୍ଷଣ ମଧ୍ୟ ନେଇଛନ୍ତି । ତେବେ ଆଗକୁ ବଡ ପରଦାରେ ଅଭିନୟ କରିବାକୁ ଶୁଭାଙ୍ଗୀ ଆଶା ରଖିଥିବା ଅନେକ ସାକ୍ଷାତକାରରେ ପ୍ରକାଶ କରିଥାନ୍ତି । ସେହିଭଳି ଶୁଭାଙ୍ଗୀଙ୍କ ଫ୍ୟାନମାନେ ମଧ୍ୟ ତାଙ୍କୁ ବଡପରଦାରେ କିଛି ଭଲ ପ୍ରୋଜେକ୍ଟରେ ଦେଖିବାକୁ ଆଶା ରଖିଛନ୍ତି ।